# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

- ବିକାଶର ବଡ଼ଦାଣ୍ଡ, ସମୃଦ୍ଧିର ରଥ
- ଉତ୍କଳର ନେତା  ସ୍ୱୟଂ ନାରାୟଣ
- 'ଗୁମାସ୍ତା' ଉବାଚ; ରେଡ୍ ଜୋନ୍‌ରେ ସୁନୀଲ
- ଓଡ଼ିଶାର ଓୱେସୀ ହେବେ କି ମୋକିମ ?
- ପଦ୍ମ ପାଇଁ ବାୟାଁ ବାୟା !
- ଅମିତ୍ ମଲ୍ଲିକଙ୍କ ସାକ୍ଷାତକାର

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-34 13 JULY - 19 JULY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୩୪ ୧୩ ଜୁଲାଇ - ୧୯ ଜୁଲାଇ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





ଗର୍ବିତ ଓଡ଼ିଆ

# ବିକାଶର ବଡ଼ଦାଣ୍ଡ, ସମୃଦ୍ଧିର ରଥ

ଜୟଜଗନ୍ନାଥ। ମହାପ୍ରଭୁଙ୍କ ଘୋଷଯାତ୍ରା ଅବସରରେ ଆପଣମାନଙ୍କୁ ଅନେକ ଅଭିନନ୍ଦନ। ବଡ଼ଦାଣ୍ଡରେ ରଥ ଚଢ଼ି ମହାପ୍ରଭୁ ଆସିବେ। ଲକ୍ଷ ଲକ୍ଷ ଭକ୍ତ ତାଙ୍କୁ ଆଖି ପୂରେଇ ଦେଖିବେ। ରଥ, ପଥ, ଭକ୍ତ ସମସ୍ତେ ମହାବାହୁଙ୍କ ଆଗମନକୁ ଚାତକ ଭଳି ଚାହିଁ ରହିଛନ୍ତି। ଗୁଣ୍ଡିଚାରୁ ବାହୁଡ଼ା ଯାଏଁ ଚାଲିବ ମହାପ୍ରଭୁଙ୍କ ଲୀଳା।



ଏଇ ରଥଯାତ୍ରାରେ ଆମେ ସଂକଳ୍ପ ନେବା। ବିକାଶର ବଡ଼ଦାଣ୍ଡରେ ସମୃଦ୍ଧିର ରଥ ଗଡ଼ୁ, ମହାପ୍ରଭୁଙ୍କ ନିକଟରେ କାମନା କରିବା। ରାଜନୀତି ହେଉକି ଅର୍ଥନୀତି, ଶିକ୍ଷା ହେଉ ଅବା ସ୍ୱାସ୍ଥ୍ୟ, କୃଷି ହେଉ ଅବା ଶିଳ୍ପ, ସବୁଥିରେ ବିରାଟ ରୂପାନ୍ତରଣର ଆବଶ୍ୟକତା ରହିଛି। ଅର୍ଥନୀତିର ପ୍ରଗତିକୁ ଆମେ ଆଉ ଜିଡ଼ିପି ଅଭିବୃଦ୍ଧି ନିକିତିରେ ତଉଲିଲେ ହେବନି, ପ୍ରଗତି ଗାଁର ମଳିମୁଣ୍ଡିଆ, ଗରିବ, ନିଷ୍ପେଷିତ ପାଖରେ ପହଁଚିଛି କି ନାହିଁ ତାହା ଦେଖିବାର ଆବଶ୍ୟକତା ରହିଛି। କାଗଜ କଲମରେ ଆମର ଜଳସେଚନ ଚାଲିଛି। ହେଲେ ଚାଷୀ ବିଲକୁ ପାଣି ପହଁଚି ପାରୁନି। କଳ କାରଖାନା ସଂଖ୍ୟା ବଢ଼ିଚାଲିଛି, ହେଲେ ସେହି ଅନୁସାରେ ନିଯୁକ୍ତି କିନ୍ତୁ ବଢ଼ିପାରୁନି। ଆଜିବି ଓଡ଼ିଆ ଭିଟାମାଟି ଛାଡ଼ି ପର ରାଇଜରେ ମୁଣ୍ଡଝାଳ ତୁଣ୍ଡରେ ମାରୁଛି। ସବୁଠାରୁ ବଡ଼ କଥାଟି ହେଉଛି, କେଉଁ ଯୋଜନା କଲେ ଭୋଟ୍ ମିଳିବ, ସରକାର ତାହା ଉପରେ ଧ୍ୟାନ ଦେଉଛନ୍ତି। କିନ୍ତୁ କେଉଁ ଯୋଜନା କଲେ, ଓଡ଼ିଆଟେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ସ୍ୱାଭିମାନୀ ଭାବେ ଛାତି ଫୁଲାଇ ବଞ୍ଚିପାରିବ ସେକଥା ଚିନ୍ତା କରାଯାଉନାହିଁ। ଯେଉଁଠି ଶିକ୍ଷା ଏବଂ ସ୍ୱାସ୍ଥ୍ୟ, ବ୍ୟବସାୟ ଓ ଶିଳ୍ପରେ ପରିଣତ ହେଉଛି ସେଠି ବିକାଶ ଓ ପ୍ରଗତି ଖୋଜିବା ବୋକାମୀ। କାହିଁକିନା ଟଙ୍କା ନଥିଲେ ପାଠ ନାହିଁ କି ବଞ୍ଚିବାର ରାହା ନାହିଁ ବୋଲି ବାର୍ତ୍ତାଟିଏ ହିଁ ସଞ୍ଚରି ଯାଉଛି।

ସମୟ ବଦଳିଗଲାଣି। ସବୁଠି ଆମକୁ ବି ପ୍ରୋ- ଭଳି ଚିନ୍ତା କରିବାକୁ ପଡ଼ିବ। ସମାନୁପାତିକ ବିକାଶ ହିଁ ସମୃଦ୍ଧିର ପ୍ରକୃତ ମାପକାଠି ହେଉ। ସହରରେ କେତେ ନିଅନ ଲାଇଟ୍ କି ରାସ୍ତାରେ କେତେ ସୁନ୍ଦର ଗଛ ଲାଗିବ, ସେଇଟା ବଡ଼ କଥା ନୁହେଁ, ଗାଁ ଗହୀରକୁ ଅନେଇ ଯୋଜନା ହେଲେହିଁ ରାଜ୍ୟ ବିକାଶର ବଡ଼ଦାଣ୍ଡରେ ସମୃଦ୍ଧିର ରଥ ଗଡ଼ିପାରିବ।



## ବାବା ଅବ୍ଜର୍ଭାନନ୍ଦ

ବୁଢ଼ା ବରଗଛ ତଳେ ଦଳଛଡ଼ା
କରୁଥିଲେ ଗୋଟେ ସଭା,
ମହାପ୍ରଭୁ ଆମ ସାକ୍ଷାତ ସେଠାରେ
ହୋଇଗଲେ ଆସି ଉଭା ।

ପଚାରିଲେ ପ୍ରଭୁ ତୁମକୁ ମୁଁ ପରା
ଦେଇଥିଲି ଗୋଟେ ରୂପ,
ସକାଳେ ଏ ଦଳ ରାତିରେ ସେ ଦଳ
ନାମ କିଆଁ ତୁମେ ଜପ ।

ପ୍ରଥମ ବେହିଆ ନେତା ଯେ କହିଲା
କରିଥିଲି ପ୍ରଭୁ ଚୋରି,
ଶୁଣିଲି ଏପଟେ ୱାସିଙ୍ଗ ମେସିନ
ସଫା କରିଦେବ ଧରି ।

ଆଉ ଜଣେ କୁହେ ପ୍ରଭୁ ହେ ମଣିମା
ଧରିବନି ମୋର ଦୋଷ,
ଶାସକଙ୍କ ପାଖେ କୂଅ ଅଛି ମତେ
ଲାଗୁଛି ବହୁତ ଶୋଷ ।

ତୃତୀୟ କହୁଛି ଯାହା ନେବା କଥା
ନେଇଗଲି ଏବେ ଶେଷ,
ଆଉ ସେ ଦଳରେ ରହି ପ୍ରଭୁ ଏବେ
କରିବି ମୁଁ ଆଉ କିସ ।

ଶୁଣି ଏମାନଙ୍କ କଥା ମହାପ୍ରଭୁ
ବସିଗଲେ ଦୁଇ ଘଡ଼ି,
ଭାବିଲେ କାହିଁକି ଆସିଲି ବାହାରି
ମନ୍ଦିରକୁ ମୋର ଛାଡ଼ି ।

ମୋ ହାତ ତିଆରି ମଣିଷ କେମିତି
ଦେଖାଉଛି ଏତେ ଢଙ୍ଗ,
ଏଣ୍ଡୁଅ ବିଚରା ଲାଜେ ମରିଯିବ
ବଦଳାଇବନି ରଙ୍ଗ ।

## ଆମ ସହ ଯୋଡ଼ି ହୁଅନ୍ତୁ

- ଅଳ୍ପ କେଇ ମାସ ଭିତରେ ରାଜ୍ୟର ଚର୍ଚ୍ଚିତ ଓ ଲୋକପ୍ରିୟ ସାପ୍ତାହିକ ହୋଇପାରିଛି 'ଗର୍ବିତ ଓଡ଼ିଆ'। ଏଥିପାଇଁ ପାଠକ, ଶୁଭେଚ୍ଛୁଙ୍କୁ ପ୍ରଣାମ।
- ଫେସବୁକ୍ ମାଧ୍ୟମରେ ଆମର ପ୍ରତ୍ୟେକ ଇସ୍ୟୁ ଲକ୍ଷ ଲକ୍ଷ ପାଠକଙ୍କ ନିକଟରେ ପହଁଚିପାରୁଛି। ଆମେ ଚାହୁଁଛୁ ୩୧୪ ବ୍ଲକର ରାଜନୀତିକୁ 'ଗର୍ବିତ ଓଡ଼ିଆ'ର ନଖଦର୍ପଣରେ ସମସ୍ତଙ୍କୁ ଦେଖାଇବା ପାଇଁ। ଏଥିପାଇଁ ସ୍ଥାନୀୟ ରିପୋର୍ଟରଙ୍କର ସହଯୋଗର ଆବଶ୍ୟକତା ରହିଛି।
- ଆଗକୁ ଆମେ ଗୁରୁତ୍ୱପୂର୍ଣ୍ଣ ଜନସମସ୍ୟା ସଂକ୍ରାନ୍ତରେ ବି ଆଲୋକପାତ କରିବୁ। ସରକାରଙ୍କୁ ଲୋକଙ୍କ ସମସ୍ୟା ଶୁଣି ସମାଧାନ କରିବାକୁ ବାଧ୍ୟ କରିବୁ।




ଆସନ୍ତୁ ବ୍ଲକ ଓ ଜିଲ୍ଲାସ୍ତରରେ ଆମ ସହ ଯୋଡ଼ିହୁଅନ୍ତୁ। ରିପୋର୍ଟର ହେବା ପାଇଁ ସମସ୍ତେ ଖବରକାଗଜ ନେବାର ଆବଶ୍ୟକତା ନାହିଁ। କିନ୍ତୁ ମାସକୁ ଥରେ ହେଉନା କାହିଁକି, ସେହି ଅଞ୍ଚଳର ରିପୋର୍ଟ ଦେବାକୁ ପଡ଼ିବ। ଆଜିକାଲି ଇ-ପେପର ଓ ପିଡ଼ିଏଫର ଯୁଗ। ତେଣୁ ତାହା ବି ପ୍ରସାରିତ ହେଲେ ଯଥେଷ୍ଟ। ହେଲେ ଆଞ୍ଚା, ଦଲାଲ ଓ ଟାଉଟରଙ୍କ ଠାରୁ ଆମେ ଦୂରରେ ରହିବୁ। ଯଦି ଆମ ସର୍ତ୍ତ ଆପଣଙ୍କୁ ପସନ୍ଦ ତେବେ ଯୋଗାଯୋଗ କରନ୍ତୁ।

**୯୦୪୦୯୮୮୯୦୮**ରେ
ଆପଣଙ୍କ ବାୟୋଡ଼ାଟା ପଠାନ୍ତୁ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।



ଉତ୍କଳ ମଣି ଗୋପବନ୍ଧୁ ଦାସ ଲେଖିଥିଲେ-

**'ଉତ୍କଳେ ନେତାର ନାହିଁ ପ୍ରୟୋଜନ ଉତ୍କଳର ନେତା ସ୍ୱୟଂ ନାରାୟଣ ।'**

କାହିଁକିନା ଓଡିଆ ଜାତିର ଧମନୀରେ ରହିଛନ୍ତି ମହାପ୍ରଭୁ । ଓଡ଼ିଆ ଜାତି ସ୍ୱୟଂ ଜଗନ୍ନାଥଙ୍କୁ ନିଜର ନେତା ବୋଲି ସ୍ୱୀକାର କରିଛି । ଖାସ୍ ସେଇଥିପାଇଁ ତ ମହାପ୍ରଭୁ ବି ଅନେକ ସମୟରେ ରାଜନୀତିର ପରିଧି ଭିତରକୁ ଚାଲି ଆସିଛନ୍ତି । ଶାସକ କୁହନ୍ତି, ଆମେ ମହାପ୍ରଭୁଙ୍କ ପାଇଁ ଏଇଆ କରିଛୁ । ବିରୋଧୀ କୁହନ୍ତି, ମହାପ୍ରଭୁଙ୍କ କାମରେ ଢ଼ିଲା କଲେ ସରକାର । **'ଗର୍ବିତ ଓଡ଼ିଆ'** ଏକ ରାଜନୈତିକ ସାପ୍ତାହିକ । ତେଣୁ ମହାପ୍ରଭୁଙ୍କୁ ନେଇ କେମିତି ରାଜନୀତି ଚାଲିଆସୁଛି ତାହାର ସାମାନ୍ୟ ଝଲକ ।

**ରିପୋର୍ଟ: ଚିତ୍ତରଞ୍ଜନ ମହାନ୍ତି, କଟକ**

# ଉତ୍କଳର ନେତା ସ୍ୱୟଂ ନାରାୟଣ

## ନବକଳେବର ବଦଳାଏ ସରକାର

ମହାପ୍ରଭୁଙ୍କ ପ୍ରମୁଖ ଲୀଳା ହେଉଛି ନବକଳେବର । ରାଜ୍ୟ ରାଜନୀତିରେ ଅନେକ କୁହନ୍ତି ନବକଳେବର ପରେ ସରକାର ବି ବଦଳିଯାଏ। ୧୯୫୦, ୧୯୬୯, ୧୯୭୭, ୧୯୯୬ ଓ ୨୦୧୫ରେ ନବକଳେବର ହୋଇଥିଲା । ହେଲେ ୨୦୧୫କୁ ଛାଡ଼ିଦେଲେ ବାକି ସବୁ ନବକଳେବର ପରେ ସରକାର ବଦଳିଯିବାର ନଜିର ରହିଛି । ଅବଶ୍ୟ ଏହାକୁ କାକତଳୀୟ ବୋଲି ବି କୁହାଯାଇପାରେ । ହେଲେ ନବକଳେବର ବିଭ୍ରାଟ ରାଜନୀତି କିନ୍ତୁ ରାଜ୍ୟବାସୀଙ୍କୁ ବେଶ୍ ପ୍ରଭାବିତ କରିଆସିଛି ।

## ୧୯୭୭ ନବକଳେବର

୧୯୭୭ ମସିହାରେ ହୋଇଥିବା ନବକଳେବର ବିଭ୍ରାଟ ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀଙ୍କୁ ମର୍ମାହତ କରିଥିଲା । ସରକାର ଚାରିଆଡୁ ସମାଲୋଚନାର ଶରବ୍ୟ ହୋଇଥିଲେ । ଯେଉଁଥିପାଇଁ ଅଘଟଣ ଓ ବିଭ୍ରାଟର ତଦନ୍ତ କରିବାକୁ ୧୯୭୭ ମସିହା ଜୁଲାଇ ୨୭ରେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ବିକେ ପାତ୍ର ଅଧ୍ୟକ୍ଷତାରେ ତଦନ୍ତ କମିଶନ ଗଠନ କରାଯାଇଥିଲା । ସାଧାରଣତଃ ୧୨ରୁ ୧୯ ବର୍ଷ ବ୍ୟବଧାନରେ ନବକଳେବର ହୋଇଥାଏ । କିନ୍ତୁ ସେଥର ମାତ୍ର ୮ ବର୍ଷ ବ୍ୟବଧାନରେ ହୋଇଥିଲା । ଯାହାକୁ ନେଇ ଜ୍ୟୋତିର୍ବିଦଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଏପରିକି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କେରଳ ଓ ଆନ୍ଧ୍ରପ୍ରଦେଶରୁ ଜ୍ୟୋତିର୍ବିତମାନଙ୍କୁ ଡକା ଯାଇଥିଲା । ସେଥର ରଥଯାତ୍ରା ବେଳେ ପହଣ୍ଡି ସକାଳ ୯ଟାରେ ହେବବୋଲି ଧାର୍ଯ୍ୟ ହୋଇଥିଲେବି ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ସକାଳ ନୀତି ସଂଧ୍ୟା ବେଳକୁ ହୋଇଥିଲା । ମହାପ୍ରଭୁଙ୍କ ପାଖରେ ଭୋଗ ବି ଲାଗି ପାରିନଥିଲା । କିଛି ସେବାୟତ ମହାପ୍ରସାଦ ଧରି ପାଚେରୀ ଡେଇଁ ବାହାରକୁ ବି ପଳାଇ ଆସିଥିଲେ । ମହାପ୍ରସାଦ ପ୍ରଭୁଙ୍କ ନିକଟରେ ଲାଗି ହୋଇପାରିନଥିବାରୁ ତାହାକୁ ନଷ୍ଟ ବି କରିବାକୁ ପଡ଼ିଥିଲା । ମହାପ୍ରସାଦ ପାଇଁ ଏତେ ଭିଡ଼ ହୋଇଥିଲାଯେ, ଅନେକ କୋଡୁଆ ବି ଭାଙ୍ଗି ଦେଇଥିଲେ । ପରେ ବିକେ ପାତ୍ରଙ୍କ କମିଶନ ବିଭ୍ରାଟର କାରଣ ଅନୁଶୀଳନ କରିବା ସହ ଭବିଷ୍ୟତରେ ଏଭଳି ଆଶଙ୍କାକୁ ଏଡ଼ାଇବା ପାଇଁ ପରାମର୍ଶମାନ ଦେଇଥିଲେ । ସେହି ସମୟରେ ରାଜ୍ୟ ରାଜନୀତିକୁ ଏହି ପ୍ରସଙ୍ଗ ବେଶ୍ ଆଚ୍ଛାଦିତ କରି ରଖିଥିଲା ।

## ୨୦୧୫ ନବକଳେବର

ନବୀନ ସରକାରଙ୍କ ଅମଳରେ ଥରୁଟିଏ ନବକଳେବର ହୋଇଥିଲା । ଯାହାକି ଅନେକ ବିବାଦ ସୃଷ୍ଟି କରିଥିଲା । ନବକଳେବର ବିଭ୍ରାଟ ରାଜ୍ୟ ରାଜନୀତିକୁ ସରଗରମ କରିଦେଇଥିଲା । କଂଗ୍ରେସ ଓ ବିଜେପି ଏହାକୁ ଏକ ବଡ଼ ପ୍ରସଙ୍ଗ କରିଥିଲେ । ଦାରୁ ଶଗଡ଼ିରେ (ଅବଶ୍ୟ ତାହା ଦାରୁର ଅବଶିଷ୍ଟାଂଶ କାଠ ଥିଲା) ପ୍ରଦୀପ ମହାରଥି ବସିବା ହେଉକି ସେବାୟତଙ୍କ ନିକଟରେ ତତ୍କାଳୀନ ଆଇନ୍ ମନ୍ତ୍ରୀ ଅରୁଣ ସାହୁଙ୍କ ଶୟନ ହେଉ, ତାକୁ ନେଇ ରୋଚକ ଚର୍ଚ୍ଚା ହୋଇଥିଲା । ସେହିପରି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦାରୁ ସନ୍ଧାନକୁ ନେଇ ବି ଯିଏ ଯାହାବାଟରେ ନାନାଦି ଗପ କହିବା ଓ ନ୍ୟାରେଟିଭ୍ କରିବାରେ ବି ହେଳା କରିନଥିଲେ । ତେବେ ଏସବୁ ହାଲକା ନ୍ୟାରେଟିଭ୍ ଥିଲା । କିନ୍ତୁ ରାତିରେ ବ୍ରହ୍ମ ପରିବର୍ତ୍ତନ ନହୋଇଥିବା ଘଟଣା ସକାଳେ ଜଣାପଡ଼ିବା ପରେ ସାରା ଓଡ଼ିଶାରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା । ବିରୋଧୀ ବିଜେପି ଓ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ ଓ ପ୍ରତିବାଦ ବି ଜୋର୍ ଧରିଥିଲା । ବିଶେଷକରି ଦଇତାପତି ଜୟକୃଷ୍ଣ ଦାସ ମହାପାତ୍ରଙ୍କ ଠୁ ନେଇ ଅନେକ ବିଜେଡ଼ି ସହ ଜଡ଼ିତ ଥିବାରୁ ତାହା ନିଆଁରେ ଘିଅ ଢାଳିଥିଲା । ୨୦୧୫ ଜୁନ୍ ୨୬ରେ କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଯେତେବେଳେକି ବିଜେପି ପକ୍ଷରୁ ସପ୍ତାହେ ବ୍ୟାପୀ ପଦଯାତ୍ରା କରାଯାଇଥିଲା । ଜଗନ୍ନାଥ ସଂସ୍କୃତି ସୁରକ୍ଷା ଯାତ୍ରା ସେତେବେଳେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏନେଇ ତଦନ୍ତ କମିଶନ ରିପୋର୍ଟକୁ ଗୁପ୍ତ ରଖିବା ଘଟଣା ବି ରାଜନୀତି ମହଲରେ ବେଶ୍ ଚର୍ଚ୍ଚା ହୋଇଥିଲା ଓ ନବୀନ ସରକାର ପ୍ରଶ୍ନବାଣରେ ଛନ୍ଦି ହୋଇଯାଇଥିଲେ ।

ଗର୍ବିତ ଓଡ଼ିଆ ODIA WEEKLY GARVI

ଗର୍ବିତ ଓଡ଼ିଆ

## କରୋନା, ରଥଯାତ୍ରା ଓ ଅଦାଲତ

୨୦୨୦ ବେଳକୁ କରୋନା କାୟା ବିସ୍ତାର କରି ଚାଲିଥାଏ। ଏହାକୁ ଆଖିଆଗରେ ରଖି ରଥଯାତ୍ରା ଉପରେ ରୋକ୍ ଲଗାଇବାକୁ କିଛି ଏନଜିଓ ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ। ସୁପ୍ରିମକୋର୍ଟ ରଥଯାତ୍ରା ଉପରେ କଟକଣା ଲଗାଇବାରୁ ସେତେବେଳେ ସରକାରଙ୍କ ଉପରେ ବି ଚାପ ପଡ଼ିଥିଲା। ପରେ ବିଭିନ୍ନ ସଂଗଠନ, ଦଳ ଓ ସରକାରଙ୍କ ପକ୍ଷରୁ ପିଟିସନ୍ ଦାଖଲ କରାଯାଇଥିଲା। ଶେଷରେ କଡ଼ା କଟକଣା ଭିତରେ ରଥଯାତ୍ରା ହୋଇଥିଲା। ସେବର୍ଷ ରଥଯାତ୍ରା ନହୋଇଥିଲେ ନବୀନ ସରକାର ଜନତାଙ୍କ କାଠଗଡ଼ାରେ ହିଁ ରହି ଯାଇଥା'ନ୍ତେ।



## ମୋହନଙ୍କ ଅମଳରେ ରଥଯାତ୍ରା ବିବାଦ

ମୋହନ ସରକାର ମଧ ରଥଯାତ୍ରା ବିଭ୍ରାଟକୁ ନେଇ ଅଡ଼ୁଆରେ ପଡ଼ି ସାରିଛନ୍ତି। ୨୦୨୪ ରଥଯାତ୍ରା ସମୟରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ପହଣ୍ଡି ବେଳେ ବଳଭଦ୍ର ପଡ଼ିଯିବା ଘଟଣା ଭକ୍ତଙ୍କୁ ଯେତିକି ବ୍ୟଥିତ କରିଥିଲା ରାଜନୀତି ବି ସେତିକି ଜୋର ଧରିଥିଲା। ଏ ଘଟଣାରେ ୧୨ ସେବାୟତ ଆହତ ବି ହୋଇଥିଲେ। ନୂଆ କରି ସରକାରକୁ ଆସିଥିବା ବିଜେପି ଓ ମୋହନ ମାଝୀଙ୍କୁ ଟାର୍ଗେଟ୍ କରିଥିଲେ ବିରୋଧୀ। ପରେ ଏନେଇ ତଦନ୍ତ ବି ହୋଇଥିଲା।



୨୦୨୫ ରଥଯାତ୍ରା ବେଳେ ବି ବଡ଼ ଅଘଟଣ ଘଟିଥିଲା। ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ହେବାରୁ ୩ ଭକ୍ତ ମୃତ୍ୟୁବରଣ କରିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଯାହାକୁ ନେଇ ସରକାର ତଦନ୍ତ କରିବା ସହ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କିନ୍ତୁ ବଡ଼ ବଡ଼ ପୁଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ଏବେବି ମୋହନ ସରକାରଙ୍କୁ ବିରୋଧୀ ଟାର୍ଗେଟ୍ କରି ଆସୁଛନ୍ତି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ରାଜନୀତି

ନବୀନ ସରକାରଙ୍କ ଅମଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସବୁଠୁ ବେଶୀ ରାଜନୀତିକ ଚର୍ଚ୍ଚା ହୋଇଥିଲା। ଗୋଟିଏ ପଟେ ଶ୍ରୀମନ୍ଦିରକୁ ଲାଗି ରହିଥିବା ଅନେକ ମଠଗୁଡ଼ିକୁ ଭାଙ୍ଗି ଦିଆଗଲା। ଭକ୍ତଙ୍କ ସୁବିଧା ପାଇଁ ଅନେକ ସୁବିଧା ସୁଯୋଗର ବ୍ୟବସ୍ଥା କରାଗଲା। ଅପରପକ୍ଷରେ ଶ୍ରୀମନ୍ଦିର ନିକଟରେ ବଡ଼ ବଡ଼ ମେସିନ୍ ଜରିଆରେ ଗାତ ଖୋଳିବା ଘଟଣାକୁ ନେଇ ବି ହାଲାବୋଲ ହୋଇଥିଲା। ଏନେଇ ସୁପ୍ରିମକୋର୍ଟରେ ମାମଲା ବି କରାଯାଇଥିଲା। ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବେଳେ ଅଟୋରେ, ଡାଲା ଗାଡ଼ିରେ ଜଗନ୍ନାଥଙ୍କୁ ବସାଇ ଗାଁ ଗାଁ ଚାଉଳ ସଂଗ୍ରହ କରିବା ଘଟଣାକୁ ନେଇ ବିଜେପି ଓ କଂଗ୍ରେସ ପକ୍ଷରୁ ନବୀନ ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା। ଦୁଇ ଜାତୀୟ ଦଳର ବଡ଼ ନେତାମାନେ ବି ପ୍ରଚାର ବେଳେ ଏହି ପ୍ରସଙ୍ଗ ଉଠାଇଥିଲେ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

## ରତ୍ନଭଣ୍ଡାର ରାଜନୀତି

ରତ୍ନଭଣ୍ଡାର ଚାବି ହଜିବା ଘଟଣା ବି ବିରୋଧୀଙ୍କ ହାତରେ ପ୍ରସଙ୍ଗର ଚାବି ଧରାଇ ଦେଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହ ଓ ଜେପି ନଡ୍ଡାଙ୍କ ଭଳି ଜାତୀୟସ୍ତରୀୟ ନେତା ନିର୍ବାଚନ ପ୍ରଚାର ବେଳେ ଏହି ପ୍ରସଙ୍ଗ ଉଠାଇଥିଲେ। ରତ୍ନଭଣ୍ଡାର ଖୋଲିବା ଓ ଶ୍ରୀମନ୍ଦିରର ଚାରି ଦୁଆର ଖୋଲିବା ପ୍ରସଙ୍ଗବି ରାଜନୀତିକ ଇସ୍ତାହାର ପାଲଟି ଯାଇଥିଲା। ମୋହନ ସରକାର ଆସିବା ପରେ ରତ୍ନଭଣ୍ଡାର ଖୋଲିବାରେ ବିଳମ୍ବକୁ ନେଇ ବି ବିରୋଧୀ ବିଜେଡ଼ି ଓ କଂଗ୍ରେସ ଘେରିଥିଲେ।



## ଜଗନ୍ନାଥ ଧାମ ରାଜନୀତି

ପଶ୍ଚିମବଙ୍ଗରେ ଜଗନ୍ନାଥ ମନ୍ଦିର ତୋଳି 'ଧାମ' ବୋଲି ଘୋଷଣା କରିଥିଲେ ମମତା ବାନାର୍ଜୀ। ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏମିତିକି ସରକାର ଏ ପ୍ରସଙ୍ଗରେ ମମତା ସରକାରଙ୍କୁ ପତ୍ର ଲେଖିଥିଲେ। ଓଡ଼ିଶାରେ ବିଜେପି ସରକାର ଥିବାରୁ ମମତା ଏଦିଗରେ ଧ୍ୟାନ ଦେଇନଥିଲେ। କିନ୍ତୁ ବିଜେପି ସରକାର ଆସିବା ପରେ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ପଶ୍ଚିମବଙ୍ଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏମିତିକି ଶୁଭେନ୍ଦୁଙ୍କ ନିର୍ବାଚନ ଦାୟିତ୍ୱ ନିଜେ ଧର୍ମେନ୍ଦ୍ର ହିଁ ନେଇଥିଲେ। ତେବେ ସେ ଯାହାହେଉ ମୋହନ ଓ ଧର୍ମେନ୍ଦ୍ର ନିଜ ନିଜସ୍ତରରେ ଶୁଭେନ୍ଦୁଙ୍କ ସହ ଆଲୋଚନା ପରେ ପଶ୍ଚିମବଙ୍ଗ ସରକାର ଦୀଘାରୁ ଧାମ ଶବ୍ଦ ଉଠାଇ ଦେଇଛନ୍ତି।

ଏଭଳି ଅନେକ ପ୍ରସଙ୍ଗ ରହିଛି, ଯାହାକୁ ନେଇ ରାଜନୀତିକରାଯାଇଆସୁଛି। ଜଗନ୍ନାଥଙ୍କ ନୀତିକାନ୍ତିରେ ବିଭ୍ରାଟ ବି ସରକାରଙ୍କୁ ଅଡ଼ୁଆରେ ପକାଇଥାଏ। ପ୍ରତି ଦଳ ନିଶ୍ଚିତ ଭାବେ ନିର୍ବାଚନ ଇସ୍ତାହାରରେ ମହାପ୍ରଭୁଙ୍କ ବିକାଶ କଥା କହି ଆସୁଛନ୍ତି। ଆମ ରାଜ୍ୟର ଅଧିକାଂଶ ନେତା ଊଣା ଅଧିକେ ଜଗନ୍ନାଥଙ୍କୁ ନେଇ ରାଜନୀତି କରିବାର ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ।

# ନିର୍ବାଚନ ରାଜନୀତି ଓ ସ୍ଲୋଗାନବାଜି



**ପର୍ଶୁରାମ ଦାସ**
ସମ୍ପାଦକ, ପୂର୍ବପକ୍ଷ

ରାଜନୀତିରେ ସ୍ଲୋଗାନ୍ ଜନମାନସକୁ ଆନ୍ଦୋଳିତ କରିବାର ସବୁଠାରୁ ବଡ଼ ମାଧ୍ୟମ। ଯଦି ଗୋଟିଏ ସ୍ଲୋଗାନ୍ ଲୋକଙ୍କ ହୃଦୟକୁ ଛୁଇଁଯାଏ, ତେବେ ତାହା ଭୋଟ୍ ଟାଣିବାରେ ସହାୟକ ହୋଇଥାଏ। ଆମେ ଯଦି ଇତିହାସକୁ ଦେଖିବା, ତେବେ କଂଗ୍ରେସ ଏବଂ ତତ୍କାଳୀନ ଜନସଂଘ ମଧ୍ୟରେ ଚାଲିଥିବା ଲଢେଇରେ ଏକ ସ୍ଲୋଗାନ୍ ଖୁବ୍ ପ୍ରସିଦ୍ଧ ଥିଲା। ଜନସଂଘର ନିର୍ବାଚନ ସଙ୍କେତ 'ଦୀପ' ଥିବା ସମୟରେ କଂଗ୍ରେସ ସ୍ଲୋଗାନ ଦେଇଥିଲା:

**'ଇସ ଦୀପକ ମେଁ ତେଲ ନେହିଁ, ସରକାର ଚଲାନା ଖେଲ ନେହିଁ'**

ସେହିପରି ପଛୁଆ ବର୍ଗର ଅଧିକାର ପାଇଁ ଡକ୍ଟର ରାମମନୋହର ଲୋହିଆଙ୍କ ସ୍ଲୋଗାନ୍ ଥିଲା:

'ପିଛଡ଼ ପାଏଁ ସୋ ମେଁ ସାଠ୍, ସଂସୋପା ନେ ବାନ୍ଧି ଗାଣ୍ଠ୍।' ଏହି ସ୍ଲୋଗାନ୍ ପରବର୍ତ୍ତୀ ସମୟରେ ମଣ୍ଡଳ ଆୟୋଗର ସୁପାରିଶ ଲାଗୁ ହେବା ସହ ପଛୁଆ ବର୍ଗଙ୍କୁ କ୍ଷମତା ଶୀର୍ଷରେ ପହଞ୍ଚାଇବାରେ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା।

୧୯୭୧ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଦିଆଯାଇଥିବା ସ୍ଲୋଗାନ 'ଗରିବୀ ହଟାଓ' ଏବଂ ବିରୋଧୀଙ୍କ 'ଇନ୍ଦିରା ହଟାଓ ସ୍ଲୋଗାନର କାଉଣ୍ଟର ଭାବେ ଇନ୍ଦିରା କହିଥିଲେ, "ମୁଁ କହୁଛି ଗରିବୀ ହଟାଓ, ସେମାନେ କହୁଛନ୍ତି ଇନ୍ଦିରା ହଟାଓ।" ଏହା ଜନତାଙ୍କ ହୃଦୟକୁ ଏଭଳି ଛୁଇଁଥିଲାଯେ, ୧୯୭୧ ନିର୍ବାଚନ ଫଳାଫଳ ଇତିହାସ ପାଲଟି ଯାଇଥିଲା। ପୁଣି ୧୯୮୦ରେ ଯେତେବେଳେ ଇନ୍ଦିରା ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ସ୍ଲୋଗାନ୍ ଥିଲା:

'ଜାତ ପର ନା ପାତ ପର, ଇନ୍ଦିରା ଜୀ କୀ ବାତ ପର, ମୋହର ଲଗେଗୀ ହାଥ ପର।'

ଏହାପରେ ୧୯୮୮ରେ ବିଶ୍ୱନାଥ ପ୍ରତାପ ସିଂହ ଯେତେବେଳେ କଂଗ୍ରେସ ଛାଡ଼ି ଜନତା ଦଳ ଗଠନ କଲେ, ସେତେବେଳେ ସ୍ଲୋଗାନ୍ ଥିଲା, 'ରାଜା ନେହିଁ ଫକୀର ହୈ, ଦେଶ କୀ ତକଦୀର ହୈ।' ୨୦୦୪ରେ ବିଜେପି ଇଣ୍ଡିଆ ସାଇନିଂ ସ୍ଲୋଗାନ୍ ଦେଇଥିଲା, କିନ୍ତୁ ଏହା ମତଦାତାଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଇଥିଲା।

ସେହିପରି ଉପା ସରକାରଙ୍କ ଅମଳରେ 'ଆମ୍ ଆଦମୀ କେ ବଢ଼ନ୍ତେ କଦମ୍, ହର କଦମ ପର ଭାରତ ବୁଲନ୍ଦ' । ଜୟହୋ' ବି ବେଶ୍ ଲୋକପ୍ରିୟ ହୋଇଥିଲା।

୨୦୧୪ରେ 'ବିଜେପି ହରହର ମୋଦି-ଘର ଘର ମୋଦୀ' ସ୍ଲୋଗାନ୍ ଦେଇଥିଲା। ପରବର୍ତ୍ତୀ ସମୟରେ 'ମୋହୀ ହେ ତୋ ମୁମକିନ ହୈଁ' ସ୍ଲୋଗାନ୍ ଦିଆଯାଉଛି। ସେହିପରି 'ଅବକି ବାର ମୋଦି ସରକାର' ନାରା ବି ପଡ଼ିଥିଲା।

ଟିଏମସି ଆରମ୍ଭରୁ ମା' ମାଟି ଓ ମାନୁଷ ଓ ଖେଲା ହୋବୋ ସ୍ଲୋଗାନ୍ ଦେଇ ନିର୍ବାଚନ ଜିତିଥିଲା।

ଓଡ଼ିଶାରେ ବି ବିଜେଡ଼ିର ସ୍ଲୋଗାନ ଓ ନବୀନଙ୍କ ଡାଇଲଗ ବେଶ୍ ଲୋକପ୍ରିୟ। ଶଙ୍ଖ ମୋ ଗର୍ବ, ନବୀନ ମୋ ପରିବାର, ଶଙ୍ଖ ମୋ ଚିହ୍ନ, ନବୀନ ଓଡ଼ିଶା, 'ବିଜୁ ଜନତା ଦଳ, ଓଡ଼ିଶା ବାସୀଙ୍କ ବଳ' ସ୍ଲୋଗାନ୍ ସହ ଆପଣମାନେ ଖୁସିତ ଡାଇଲଗ ବି ଲୋକଙ୍କୁ ଛୁଇଁଥିଲା। ସେହିପରି ବିଜେପିର ମିଶନ ୱାନଟେଣ୍ଟି ପଦ୍ମ ଆସୁଛି ଫୁଟିଫୁଟି, ଓଡ଼ିଆ ଅସ୍ମିତା, ମୋଦି କି ଗ୍ୟାରେଣ୍ଟି, ଚାର ଜୁନ୍, ବିଜେଡ଼ି ଶୂନ୍, କାମ ସବୁ ହାତକୁ, ପାଣି ସବୁ କ୍ଷେତକୁ ଓ ଛାତ ସବୁ ମୁଣ୍ଡକୁ ସ୍ଲୋଗାନ ବି ବେଶ୍ ହାଇଲାଇଟ୍ ହୋଇଥିଲା।

# ପ୍ରଦୀପଙ୍କ 'ଗୋପାଳପୁର' ଲୋଭ

ଏକଦା ଗଞ୍ଜାମ ରାଜନୀତିକୁ ହାତମୁଠାରେ ରଖିଥିଲେ ପ୍ରଦୀପ ପାଣିଗ୍ରାହୀ। ୨୦୦୯, ୨୦୧୪ ଓ ୨୦୧୯ରେ ସେ ଗୋପାଳପୁରରୁ ବିଧାୟକ ହେବା ସହ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ନିର୍ବାଚନମଣ୍ଡଳୀ କଥାବି ବୁଝାଶୁଝା କରୁଥିଲେ। ବିକ୍ରମ କେଶରୀ ଆରୁଖ, ଉଷା ଦେବୀ ଓ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଠାରୁ ବି ସେ କ୍ଷମତାଶାଳୀ ଥିଲେ। ଭିକେ ପାଣ୍ଡିଆନଙ୍କୁ ସେ କାର୍ତ୍ତିକ ବୋଲି କହି ଡାକି ପାରୁଥିଲେ। ପରେ କିଭଳି ସେ ବିଜେଡ଼ିରେ କୋଣଠେସା ହେଲେ, ଜେଲ୍ ଗଲେ ସେକଥା କାହାକୁ ଅଜଣା ନାହିଁ।

ବିଜେଡ଼ି ଛାଡ଼ି ବିଜେପିକୁ ଯିବା ପରେ ସେ ଚାହୁଁଥିଲେ ଗୋପାଳପୁର ଟିକେଟ୍। କିନ୍ତୁ ପୁରୁଖା ନେତା ବିଭୂତି ଭୂଷଣ ଜେନା କିନ୍ତୁ ତାଙ୍କ ବାଟ ଛାଡ଼ିବାକୁ ରାଜିନଥିଲେ। ଶେଷରେ ଅନିଚ୍ଛା ସତ୍ତ୍ୱେ ବ୍ରହ୍ମପୁର ଲୋକସଭାରୁ ସାଂସଦ ଭାବେ ନିର୍ବାଚନ ଲଢ଼ି ସେ ବାଜିମାତ୍ କରିଛନ୍ତି। ପ୍ରଦୀପ ଭଲଭାବେ ଜାଣିଛନ୍ତି, ସାଂସଦଙ୍କର ସେଭଳି କୌଣସି କ୍ଷମତା ହିଁ ନାହିଁ। ପ୍ରୋଟୋକଲ୍ ବଡ଼ ହୋଇଥିଲେବି ବିଧାୟକମାନଙ୍କ ଠାରୁ ତାଙ୍କର କମ୍ କ୍ଷମତା। ସେହିପରି ସଂଗଠନ ବି ହାତରେ ରହେନାହିଁ। ଅପରପକ୍ଷରେ ପ୍ରଦୀପଙ୍କର ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ବିଭୂତି ଜେନା ଏବେ ବେଶ୍ ପାୱାରଫୁଲ୍। ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ବି ହୋଇଛନ୍ତି। ପ୍ରଦୀପଙ୍କ ଠାରୁ ପ୍ରୋଟୋକଲରେ ବି ଆଗରେ ରହିଛନ୍ତି। ତେଣୁ ୨୦୨୯ ପାଇଁ ପ୍ରଦୀପ ନିଜସ୍ୱ ରଣନୀତି ଆରମ୍ଭ କରିଦେଇଛନ୍ତି। ନିଜ ପୁରୁଣା ସଂଗଠନକୁ ଜାବୁଡ଼ି ଧରିବାକୁ ଯୋଜନା କରିଛନ୍ତି। ବ୍ରହ୍ମପୁର ସାଂସଦ ହୋଇଥିଲେବି ସେ ଏବେ ଗୋପାଳପୁରରେ ସଂଗଠନ ଆରମ୍ଭ କରିଦେଇଛନ୍ତି। ଯାହାକୁ ନେଇ ବିଭୂତି-ପ୍ରଦୀପଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଛି ଶୀତଳଯୁଦ୍ଧ। ସେମାନଙ୍କ କଳି କେଉଁସ୍ତରକୁ ଗଲାଣି ତାହା ବ୍ରହ୍ମପୁର ସଭାରୁ ସ୍ପଷ୍ଟ ପ୍ରତୀୟମାନ। ଉଧନା ଏକ୍ସପ୍ରେସର ଶୁଭାରମ୍ଭ ବେଳେ ସେ ଭାଷଣ ଦେବାକୁ ମାଇକ୍ ଧରିବା କ୍ଷଣି 'ବିଭୂତି ଜେନା ଜିନ୍ଦାବାଦ'ର ନାରା ପଡ଼ିଥିଲା। ପରେ ବିଭୂତି ଜେନା କହିବା ଆରମ୍ଭ ବେଳକୁ 'ପ୍ରଦୀପ ପାଣିଗ୍ରାହୀ ଜିନ୍ଦାବାଦ' ନାରାରେ ସଭାସ୍ଥଳ କମ୍ପି ଉଠିଥିଲା। ଉଭୟ ନେତାଙ୍କ ସମର୍ଥକମାନଙ୍କ ନାରାବାଜି ଉଭୟଙ୍କୁ ବି ଅପ୍ରସ୍ତୁତ କରି ଦେଇଥିଲା।

ବିଭୂତି-ପ୍ରଦୀପଙ୍କ ଲଢ଼େଇ ବିଜେପି ସଂଗଠନ ଉପରେ ନକରାତ୍ମକ ପ୍ରଭାବ ପକାଇବ। ପ୍ରଦୀପ ପାଣିଗ୍ରାହୀଙ୍କ ଅପେକ୍ଷା ବିଭୂତି ଜେନା ଦକ୍ଷ ସଂଗଠକ। ପ୍ରଦୀପଙ୍କ ବିଜୟ ପଛରେ ସଂଗଠନ ଅପେକ୍ଷା ହାୱା ବେଶୀ ମାଇନା ରଖିଆସୁଛି। ପୂର୍ବରୁ ସେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖଲୋକ ଥିଲେ। ବିଜେଡ଼ିର ଗଞ୍ଜାମରେ ହାୱା ଥିଲା। ବିଭୂତି କିନ୍ତୁ ଲଢ଼ିଲଢ଼ି ଦଳର ଭୋଟକୁ ୧୩ ହଜାରରୁ ନେଇ ୨୦୧୯



ବେଳକୁ ୫୯ ହଜାରରେ ପହଁଚାଇଥିଲା। ସେହି ନିର୍ବାଚନରେ ବିଭୂତି କମ୍ ଭୋଟରେ ହାରି ଯାଇଥିଲେ। ସରପଞ୍ଚରୁ ସଂଘର୍ଷ କରିକରି ସେ ଏତେବାଟରେ ପହଁଚିଛନ୍ତି। ସେଇଥିପାଇଁ ତ ପ୍ରଥମ ଥର ବିଧାୟକ ହୋଇବି ସେ କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଅବଶ୍ୟ ନବୀନଙ୍କ ଅମଳରେ ପ୍ରଦୀପ ବି ଉଚ୍ଚଶିକ୍ଷା ମନ୍ତ୍ରୀ ଥିଲେ। ୨୦୨୪ ନିର୍ବାଚନ ବେଳେ ପ୍ରଦୀପଙ୍କ ସମର୍ଥକମାନେ ବିଭୂତିଙ୍କୁ ଜିତାଇବା ପାଇଁ ନୁହେଁ ବରଂ ଚେର କାଟିବାରେ ବି ଲାଗିଥିଲେ। କାହିଁକିନା ସେହି ନିର୍ବାଚନରେ ବିକ୍ରମ ପଣ୍ଡା ବିଜେଡ଼ି ଟିକେଟରେ ଲଢ଼ିଥିଲେ। ୨୦୧୯ ଅପେକ୍ଷା ବିଜେଡ଼ି ସେଠାରେ ଅଧିକ ଭୋଟ୍ ବି ପାଇଥିଲା। ପଞ୍ଚାୟତ ଓ ପୌର ନିର୍ବାଚନରେ ବିଭୂତି-ପ୍ରଦୀପ ଲଢ଼େଇ ହେବା ନିଶ୍ଚିତ। ସେଇଠି ଜଣାପଡ଼ିବ କାହାର ଦମ୍ କେତେ ?

**ଖାଲି ବରିଷ୍ଠ ନେତା କି ନେତ୍ରୀ ନୁହଁନ୍ତି, ଯୁବ ନେତାନେତ୍ରୀଙ୍କ ଭାବନାକୁ ବି ଆମେ ଜାଣିବା ଦରକାର । ସେଥିପାଇଁ ଆମେ ଆରମ୍ଭ କରିଛୁ, 'ଯୁବନେତାଙ୍କ ସ୍ୱର' । ଏହି କ୍ରମରେ ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ସହ ଆଲୋଚନା କରିଛନ୍ତି ଆମ କେନ୍ଦ୍ରାପଡ଼ା ପ୍ରତିନିଧି ଉତ୍କଳ କେଶରୀ ।**



# ଯୁବ ନେତାଙ୍କ ସ୍ୱର

**କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଭାବେ ଆପଣଙ୍କ ପ୍ରାଥମିକତା କ'ଣ?**

ପ୍ରଥମେ ଯୁବପିଢୀମାନଙ୍କ ନିଯୁକ୍ତି ଉପରେ ମୁଁ ପ୍ରାଥମିକତା ଦେବି ।

**ଆଜିର ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାର ସବୁଠାରୁ ବଡ଼ ସମସ୍ୟା କ'ଣ ବୋଲି ଆପଣ ମନେ କରନ୍ତି?**

ସ୍ୱାସ୍ଥ୍ୟ,ପାନୀୟ ଜଳ ବେକାରୀ ସମସ୍ୟା ଏବଂ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡ଼ିଛି ।

**ଜିଲ୍ଲାରେ ବେକାରି ସମସ୍ୟା ଦୂର କରିବା ପାଇଁ ଯୁବ କଂଗ୍ରେସର କାର୍ଯ୍ୟଯୋଜନା କ'ଣ?**

ଯୁବ ସମାଜ ପାଇଁ ହକ୍‌ର ଲଢେଇ ଯୁବ କଂଗ୍ରେସ ଲଢିବ । ଯେପର୍ଯ୍ୟନ୍ତ ସେମାନେ ନିଜର ନାଯ୍ୟ ଅଧିକାର ପାଇନାହାଁନ୍ତି ସେପର୍ଯ୍ୟନ୍ତ ଦୁର୍ବାର ଆନ୍ଦୋଳନ ଜାରିରହିବ ।

**ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପକୁ ଆପଣ କିପରି ମୂଲ୍ୟାଙ୍କନ କରୁଛନ୍ତି?**

ଡବଲ୍ ଇଞ୍ଜିନ ସରକାରଙ୍କ ପ୍ରତିଶ୍ରୁତି ସବୁ ପ୍ରତାରଣାରେ ପରିଣତ ହୋଇଛି । ମୂଲ୍ୟାଙ୍କନ ରାଜ୍ୟବାସୀ କରୁଛନ୍ତି ।

**କେନ୍ଦ୍ରାପଡ଼ାରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ କି କି ପଦକ୍ଷେପ ନେବେ?**

ବୁଥ୍ ସ୍ତରରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ଡବଲ ଇଞ୍ଜିନ ସରକାରର ବିଫଳତା ବିଷୟରେ ଜଣାଇବୁ । ତତ୍‌ସହିତ ରାହୁଲ ଗାନ୍ଧୀଙ୍କର ଭାରତ ବର୍ଷ ପାଇଁ ଯେଉଁ ଭିଜନ୍ ରହିଛି, ସେନେଇ ଲୋକଙ୍କ ସହିତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବି ।



**ଯୁବପିଢ଼ିଙ୍କ ମଧ୍ୟରେ କଂଗ୍ରେସ ପ୍ରତି ଆକର୍ଷଣ ବଢ଼ାଇବା ପାଇଁ ଆପଣଙ୍କ ରଣନୀତି କ'ଣ?**

କଂଗ୍ରେସ୍ ଦଳକୁ ସରକାରକୁ ଫେରାଇବାକୁ ହେଲେ ଯୁବ ପିଢ଼ି ହେଉଛନ୍ତି ଆମର ପ୍ରମୁଖ ଅସ୍ତ୍ର। ମୋ ଜିଲ୍ଲାର ଯୁବପିଢୀମାନଙ୍କୁ ସଚେତନ କରାଇ ସେମାନଙ୍କୁ ବୁଝାଇବିଯେ, ସ୍ୱଚ୍ଛ ଓ ନିର୍ମଳ ଶାସନ ପାଇଁ ଆମ୍ଭମାନଙ୍କୁ କଂଗ୍ରେସ୍ ହାତ ଧରିବାକୁ ହେବ ।

**ମହିଳା ନେତୃତ୍ୱକୁ ରାଜନୀତିରେ ଆଗକୁ ଆଣିବା ପାଇଁ ଆପଣ କ'ଣ କରିବେ?**

ମହିଳାମାନଙ୍କ ସଶକ୍ତିକରଣ ମୋର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଆମ ଦଳ ତରଫରୁ ନାରୀ ନ୍ୟାୟ ଉପରେ ରାଜ୍ୟ ତମାମ କରାଯାଉଥିବା କାର୍ଯ୍ୟକ୍ରମରେ ସେମାନେ କିପରି ଅଂଶଗ୍ରହଣ କରି ସକ୍ରିୟ ଭୂମିକା ତୁଲାଇବେ ଏହା ମୋର ପ୍ରାଥମିକତା ରହିବ ।

**ଯୁବ ଓ ନୂତନ ଭୋଟରଙ୍କୁ ଆପଣ କେଉଁ ବାର୍ତ୍ତା ଦେବାକୁ ଚାହାଁନ୍ତି?**

କୁନି କୁନି ବିଦ୍ୟାର୍ଥୀମାନଙ୍କ ପାଠ୍ୟ ପୁସ୍ତକରେ ଯେଉଁ ଝାଲ ମୁଢ଼ି, ନିମ୍ଭୁଡ଼ା ନିମ୍ଭୁଡ଼ା ରହିଛି । ଅଦରକାରୀ ବିଷୟବସ୍ତୁ ରଖି ସେମାନଙ୍କ ଭବିଷ୍ୟତକୁ ସରକାର ଅନ୍ଧାରକୁ ଠେଲି ଦେଇଛନ୍ତି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଯୁବ ଓ ନୂତନ ଭୋଟର୍‌ମାନେ ସେମାନଙ୍କ ସାନ ଭାଇଭଉଣୀ ମାନଙ୍କ ପ୍ରତି ହୋଇଥିବା ଷଡ଼ଯନ୍ତ୍ରର ଜବାବ ଭୋଟ୍ ମାଧ୍ୟମରେ ଦେବା ଦରକାର ।

**କେନ୍ଦ୍ରାପଡ଼ାରେ କଂଗ୍ରେସର ସଂଗଠନ ଦୁର୍ବଳ ବୋଲି ଯେଉଁ ଧାରଣା ରହିଛି, ସେନେଇ କ'ଣ ରୋଡମ୍ୟାପ ରଖିଛନ୍ତି ?**

ମୁଁ ଭାବୁନାହିଁ ଜିଲ୍ଲାରେ ଆମ ଦଳର ଦୁର୍ବଳ ସଂଗଠନ ରହିଛି । ଏପରି ଧାରଣା ସଂପୂର୍ଣ୍ଣ ଭୁଲ୍। ମୁଁ ଜିଲ୍ଲାର ଯୁବ ସଭାନେତ୍ରୀ ହେବା ପରଠାରୁ ଅନୁଭବ କରିଆସୁଛିଯେ, ଜିଲ୍ଲାର ପ୍ରତ୍ୟେକ ବୁଥ୍‌ରେ କଂଗ୍ରେସ୍ ଦଳର କର୍ମକର୍ତ୍ତାମାନେ ସକ୍ରିୟ ଅଛନ୍ତି ।

**ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଜିଲ୍ଲା କଂଗ୍ରେସ କେଉଁ ମୁଦ୍ଦାକୁ ପ୍ରମୁଖ ଅସ୍ତ୍ର କରିବ?**

ସ୍ୱାସ୍ଥ୍ୟ, ପାନୀୟ ଜଳ,ବେକାରୀ ସମସ୍ୟା, ଜିଲ୍ଲାରେ ଭୁଷୁଡି ପଡ଼ିଥିବା ଆଇନ୍ ଶୃଙ୍ଖଳାକୁ ପ୍ରମୁଖ ମୁଦ୍ଦା କରିବା ସହିତ ଯୁବ ପିଢ଼ିମାନଙ୍କୁ ନିର୍ବାଚନରେ ପ୍ରାଧାନ୍ୟ ଦିଆଯିବ ।

**ଶେଷରେ, କେନ୍ଦ୍ରାପଡ଼ାର ଜନସାଧାରଣଙ୍କ ପାଇଁ ଆପଣଙ୍କ ବାର୍ତ୍ତା କଣ ରହିବ?**

ଆମ ଦଳ ସରକାରକୁ ଆସିଲେ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ଦାବି ମେଡ଼ିକାଲ୍ କଲେଜ୍, ଯାତ୍ରୀବାହୀ ରେଳ ଏବଂ ବିଶ୍ୱ ବିଦ୍ୟାଳୟ, ତାସହିତ ଜିଲ୍ଲାରେ ନିଯୁକ୍ତି ଭିତ୍ତିକ ଶିଳ୍ପ ଆଉ ସ୍ୱପ୍ନ ହୋଇ ରହିବ ନାହିଁ। ଏହାକୁ ବାସ୍ତବତାର ରୂପ ଦେବୁ ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

# ଲକି କ'ଣ 'ଗୁମାସ୍ତା' !

ମ୍ୟାଡ଼ାମ ସୁଜାତା ବିଜେଡିରେ ଯୋଗ ଦେଲେ । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଦଳରେ ମିଶାଇବା ପରେ କହିଲେ, ସୁଜାତା ଜଣେ ସାଧାରଣ କର୍ମୀ ଭାବରେ ଦଳ ପାଇଁ କାମ କରିବେ । ଆଉ ଗୋଟିଏ କଥା ମଧ କହିଲେ ଯେ, ଆଗାମୀ ନିର୍ବାଚନରେ ବିଜେଡିର ନେତୃତ୍ୱ ନିଜେ ନବୀନ ନେବେ । ଆମେ ଅବଶ୍ୟ ବୁଝିପାରିଲୁନିଯେ, ବିଜେଡି ଆଗରୁ କାହା ନେତୃତ୍ୱରେ ନିର୍ବାଚନ ଲଢୁଥିଲା । ଛାଡ଼ ସେ କଥା, ମ୍ୟାଡାମ ସୁଜାତା କିନ୍ତୁ ସବୁଠାରୁ ଦାମୀ ବିଜେଡି କର୍ମୀ ବୋଲି କାହାକୁ ସନ୍ଦେହ ନାହିଁ। ଓଡ଼ିଆ ଝିଅ ସିଏ, ତେଣୁ ଦଳରେ ମିଶୁ ମିଶୁ ସିଧା ପହଞ୍ଚିଗଲେ ମହାପ୍ରଭୁ ଜଗନ୍ନାଥଙ୍କ ଶରଣରେ। ପୁରୀ ମନ୍ଦିରକୁ ସୁଜାତା ଗଲା ବେଳେ ସାଙ୍ଗରେ କିଛି ବିଜେଡି ନେତା ମଧ୍ୟ ଥିଲେ। ସଞ୍ଜୟ ଦାସବର୍ମା, ଉମା ସାମନ୍ତରାୟ, ଲକି ଖୁଣ୍ଟିଆଙ୍କ ପରି ନେତା ସୁଜାତାଙ୍କ ଚାରିପାଖେ ଘେରି ରହିଥିବା ଦେଖାଗଲା । ହେଲେ ପୁରୀ ବିଜେଡି ବିଧାୟକ ସୁନୀଲ ମହାନ୍ତିଙ୍କୁ ଦେଖିବାକୁ ମିଳିଲାନି । ସିଏ କାହିଁକି



ଯାଇନଥିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିବା ସ୍ୱଭାବିକ। ହେଲେ ଏ ସାମ୍ବାଦିକମାନେ କଣ ଛାଡ଼ିବେ ? ଖୋଜି ଖୋଜି ତାଙ୍କୁ ପଚାରିଦେଲେ । ହେଲେ ବାବୁ ସୁନୀଲ ଯାହା କହିଲେ ତାହା କଣ ସଙ୍କେତ ଦେଉଛି କେଜାଣି ? ବାବୁ କହିଲେ କୁଆଡ଼େ ପୁରୀ ମନ୍ଦିର ଆଗରେ ବହୁତ ଗୁମାସ୍ତା ବୁଲୁଥାଆନ୍ତି, ଆଉ ମନ୍ଦିର ଦର୍ଶନ କରିବାକୁ ଯାଉଥିବା ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇଥାଆନ୍ତି । ହଁ ଆମେ ତ ଜାଣିଛୁ ମନ୍ଦିରର ଏହି ପ୍ରଥା କାହିଁ କେବେଠାରୁ ଚାଲିଆସିଛି । କିନ୍ତୁ ମୁଖ୍ୟତଃ ବାହାରୁ ଆସୁଥିବା ଭକ୍ତଙ୍କୁ ଗୁମାସ୍ତାମାନେ ମନ୍ଦିର ବୁଲାଇଥାଆନ୍ତି । ଯେହେତୁ ସେମାନେ ମନ୍ଦିର ବିଷୟରେ ଅଜ୍ଞ ଥାଆନ୍ତି । କିନ୍ତୁ ସୁଜାତା ମ୍ୟାଡାମ ତ ଓଡ଼ିଆ ଝିଅ, ସିଏ କଣ ଜଗନ୍ନାଥ ଦର୍ଶନ କରିବାକୁ ଗୁମାସ୍ତାଙ୍କ ସାହାଯ୍ୟ ନେଇଥିବେ? ପୁଣି ପୁରୀର ତିନି ଜଣ ଟାଣୁଆ ନେତା ତାଙ୍କ ସହ ଥିଲେ । ଲକି ବାବୁ ତ ଆମର ସେବାୟତ ପରିବାରର ପିଲା । ଏମାନେ ସାଙ୍ଗରେ ଥିଲେ ଗୁମାସ୍ତାଙ୍କ କାମ କଣ? ରାମ ରାମ ସୁନୀଲ ବାବୁ ଆଉ ଏମାନଙ୍କୁ ଗୁମାସ୍ତା ବୋଲି କହୁନାହାନ୍ତି ତ? କେଜାଣି ପୁରୀବାସୀ ତ କହୁଛନ୍ତି ବାବୁ କୁଆଡ଼େ ଏବେ ସାଂସଦ ସମ୍ବିତ ପାତ୍ରଙ୍କ ସହ ସଲାସୁତୁରାରେ ଅଛନ୍ତି । ସୁଜାତାଙ୍କ ସହଯୋଗୀଙ୍କୁ ବାବୁ ଗଣମାଧ୍ୟମ ସାମ୍ନାରେ ଗୁମାସ୍ତା କହିବା ଦଳୀୟ କୋଟେରୀ ହଜମ କରିବ ତ ?

# ଓଡ଼ିଶାର ଛତୁ ଚାଷ ଆନ୍ଦୋଳନର ଅଗ୍ରଦୂତ **ପ୍ରକାଶ ଚନ୍ଦ୍ର ଦାସ**

**ଭୁବନେଶ୍ୱର:** ରାଜ୍ୟ ପୁରସ୍କାର ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରକାଶ ଚନ୍ଦ୍ର ଦାସ ଓଡ଼ିଶାର ଛତୁ ଚାଷ ଓ କୃଷି ଉଦ୍ୟୋଗ କ୍ଷେତ୍ରରେ ଜଣେ ଅଗ୍ରଣୀ ପଥପ୍ରଦର୍ଶକ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ମଶରୁମ୍ବ ଗ୍ରୋଅର୍ସ ଫେଡେରେସନ୍ର ସାଧାରଣ ସମ୍ପାଦକ ଏବଂ ସୌଭାଗ୍ୟ ଏଣ୍ଟରପ୍ରାଇଜେସ୍ ଓ ଓଡ଼ିଶା ମଶରୁମ୍ବର ପ୍ରତିଷ୍ଠାତା ଭାବେ ସେ ନିଜ ଜୀବନକୁ ଛତୁ ଚାଷକୁ ଏକ ସ୍ଥାୟୀ ଓ ଲାଭଜନକ ଜୀବିକାରେ ପରିଣତ କରିବା ପାଇଁ ସମର୍ପିତ କରିଛନ୍ତି। ତାଙ୍କର ଉଦ୍ୟମ ଫଳରେ ରାଜ୍ୟର ହଜାର ହଜାର ଲୋକ ଏହି କ୍ଷେତ୍ରରେ ଆତ୍ମନିର୍ଭର ହେବାର ସୁଯୋଗ ପାଇଛନ୍ତି।



ପ୍ରକାଶ ଚନ୍ଦ୍ର ଦାସଙ୍କ ସଫଳତାର ଯାତ୍ରା ହେଉଛି ଅଦମ୍ୟ ପରିଶ୍ରମ, ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପର ଏକ ପ୍ରେରଣାଦାୟକ କାହାଣୀ। ଅନେକ ପ୍ରତିକୂଳ ପରିସ୍ଥିତି ଓ ଚ୍ୟାଲେଞ୍ଜକୁ ସାମ୍ନା କରି ସେ ଧୀରେ ଧୀରେ ଛତୁ ଚାଷ କ୍ଷେତ୍ରରେ ଜଣେ ଦୂରଦର୍ଶୀ ଉଦ୍ୟୋଗୀ ଓ ପରାମର୍ଶଦାତା ଭାବେ ପରିଚିତ ହୋଇପାରିଛନ୍ତି। ତାଙ୍କର ଏହି ସଫଳତା ପଛରେ ତାଙ୍କ ପତ୍ନୀ ଶ୍ରୀମତୀ ପୁଷ୍ପରାଗ ଦାସ, କନ୍ୟା ସୌଭାଗ୍ୟ ଲାମି ଦାସ, ପୁତ୍ର ସୂର୍ଯ୍ୟ ସାନ୍ତ ଦାସ ଏବଂ ତାଙ୍କର ଘନିଷ୍ଠ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କର ଅବିରତ ସହଯୋଗ ଓ ପ୍ରେରଣା ରହିଛି। ଗ୍ରାମୀଣ ସମାଜକୁ ସଶକ୍ତ କରିବା ଏବଂ ରୋଜଗାରର ନୂତନ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରକାଶ ଚନ୍ଦ୍ର ଦାସ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଓ ବୈଷୟିକ ପରାମର୍ଶ ଶିବିର ଆୟୋଜନ କରିଆସୁଛନ୍ତି। ତାଙ୍କର ଉଦ୍ୟମ ଫଳରେ ଓଡ଼ିଶାର ଅନେକ ଛତୁ ଚାଷୀ ଆର୍ଥିକ ସ୍ଥିରତା ଓ ସ୍ୱାବଲମ୍ବନ ହାସଲ କରିପାରିଛନ୍ତି ଏବଂ ଛତୁ ଚାଷ ରାଜ୍ୟର କୃଷି-ବ୍ୟବସାୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି।

କୃଷି, ଗ୍ରାମୀଣ ଉଦ୍ୟୋଗିତା ଓ ଚାଷୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ସେ ରାଜ୍ୟ ଏବଂ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ତାଙ୍କର କାର୍ଯ୍ୟ ଓ ସଫଳତାକୁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ପ୍ରଶଂସା କରିଥିଲେ, ଯାହା କେବଳ ତାଙ୍କ ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ମଧ୍ୟ ଗର୍ବର ବିଷୟ ହୋଇଥିଲା।

ଆଜି ମଧ୍ୟ ପ୍ରକାଶ ଚନ୍ଦ୍ର ଦାସ ନୂତନ ପିଢ଼ିର ଚାଷୀ ଓ ଉଦ୍ୟୋଗୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି। ସେ ପ୍ରମାଣ କରିଛନ୍ତି ଯେ ନିଷ୍ଠା, ନବସୃଜନ ଓ ସମାଜ ଉନ୍ନୟନ ପ୍ରତି ଦୃଢ଼ ପ୍ରତିବଦ୍ଧତା ଦ୍ୱାରା ଏପରି ସୁଯୋଗ ସୃଷ୍ଟି କରାଯାଇପାରେ, ଯାହା ସମଗ୍ର ସମାଜକୁ ଉପକୃତ କରେ। ତାଙ୍କର ଏହି ଅସାଧାରଣ ଯାତ୍ରା ପ୍ରମାଣ କରେ ଯେ ଜଣେ ବ୍ୟକ୍ତିଙ୍କର ଦୂରଦୃଷ୍ଟି ଓ ଦୃଢ଼ ସଂକଳ୍ପ ଅନେକ ଜୀବନକୁ ପରିବର୍ତ୍ତନ କରିପାରେ ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିପାରେ।

-ADVT


# ପଦ୍ମ ପାଇଁ ବାୟାଁ ବାୟା !



ଅସନ୍ତୁଷ୍ଟ ଅମରେଶ। ଭୁବନେଶ୍ୱର ମହାନଗର ନିଗମର ୪୫ ନମ୍ବର ୱାର୍ଡ କର୍ପୋରେଟର ଅମରେଶ ଜେନାଙ୍କ ଗତି କୁଆଡ଼େ ? ଜନତା ଦଳ ଓ ପରେ ବିଜୁ ଜନତା ଦଳରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଅମରେଶ ଓରଫ ବାୟାଁଙ୍କୁ ନିକଟରେ ବିଜେଡି ଦଳରୁ ନିଲମ୍ବିତ କରିଛି। ତେବେ ତାଙ୍କୁ କାହିଁକି ନିଲମ୍ବିତ କରାଗଲା ସେ ଜାଣିନାହାନ୍ତି ଓ ଏ ବାବଦରେ ସେ ଦଳର କାହା ସହ ଯୋଗାଯୋଗ କରିବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। କିନ୍ତୁ ବିଜେପିରେ ଅମରେଶ ଯୋଗ ଦେବେକି ନାହିଁ ପ୍ରଶ୍ନରେ ଗଣମାଧ୍ୟମକୁ ଦେଇଥିବା ତାଙ୍କ ପ୍ରତିକ୍ରିୟା କିଛି ଅଲଗା ଦିଗକୁ ଇଙ୍ଗିତ କରୁଛି। କାରଣ ବାୟାଁଙ୍କ କହିବା ଅନୁସାରେ ସେ ଲୋକଙ୍କ ପାଇଁ କାମ କରୁଛନ୍ତି ଓ ତାଙ୍କୁ ଭୁବନେଶ୍ୱରର ଅନେକ ସ୍ଥାନୀୟ ନେତା ସହଯୋଗ କରୁଛନ୍ତି। ଏହି କ୍ରମରେ ସେ ବିଜେପି ବିଧାୟକ ବାବୁ ସିଂଙ୍କ ସହ ଜଗନ୍ନାଥ ପ୍ରଧାନ, ଦିଲ୍ଲୀପ ମହାନ୍ତି, ପ୍ରିୟଦର୍ଶୀ ମିଶ୍ର ଓ ଗୋଲକ ମହାପାତ୍ରଙ୍କ ନାମ ନେଇଛନ୍ତି। ତାଙ୍କୁ ଯିଏ ସହଯୋଗ କରିଥାଆନ୍ତି ସିଏ ତାଙ୍କୁ ଭୁଲିନଥାନ୍ତି। ରାଜଧାନୀରେ ସକ୍ରିୟ ବିଜେପି ନେତାଙ୍କୁ ଶ୍ରେୟ ଦେବାକୁ ନେଇ ବାୟାଁଙ୍କ ଆଭିମୁଖ୍ୟ ଦେଖି ସେ ଖୁବ ଶୀଘ୍ର ପଦ୍ମ ଧରିବେ ବୋଲି ଆକଳନ କରାଯାଉଛି। ବାୟାଁ ଆହୁରି ମଧ୍ୟ କହିଛନ୍ତି ଯେ, ସେ କାମ ଉପରେ ବିଶ୍ୱାସ କରନ୍ତି, ରାଜନୀତିକୁ ନୁହେଁ। ତାଙ୍କର କହିବା କଥା ସବୁ ରାଜନୈତିକ ଦଳରେ ଏମିତି କିଛି ଲୋକ ଅଛନ୍ତି ଯିଏ ଭଲ ଲୋକକୁ ଖରାପ ଓ ଖରାପ ଲୋକକୁ ଭଲ ଦର୍ଶାଇବାର କୌଶଳ ଜାଣିଛନ୍ତି। ତାଙ୍କ କହିବା କଥା, ଲୋକଙ୍କ ପାଇଁ କାମ କଲେ, ଲୋକ ଯେଉଁ ଦଳରୁ ଚାହିଁବେ ସେହି ଦଳକୁ ଯିବାରେ କୌଣସି ଅସୁବିଧା ନାହିଁ। ଯେଉଁ ଦଳରେ ଛିଡ଼ା ହେଲେ ସମ୍ମାନ ମିଳିବ ସେହି ଦଳକୁ ଯିବା ଉଚିତ। ତେଣୁ ସିଏ ଲୋକମାନଙ୍କ ସହ ଅଛନ୍ତି ଏବଂ ଲୋକଙ୍କ ଭଲ ପାଇବାକୁ ନେଇ ଆଗକୁ କେଉଁ ଦଳକୁ ଯିବେ ତାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଆଗକୁ ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନ। ଏବେ ବିଜେପିରେ ଯୋଗଦେଲେ ଅମରେଶଙ୍କ କର୍ପୋରେଟର ପଦ ପଳାଇବ। ସେଥିପାଇଁ ସେ ଦେଖିଚାହିଁ ଗୋଟିଚାଳନା କରୁଛନ୍ତି। ବିଏମସି ନିର୍ବାଚନ ସମୟରେ ସେ ଖେଳ କରିବେବୋଲି ଚର୍ଚ୍ଚା ଜୋର୍ ଧରିଛି।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ସଜ୍ଜନଙ୍କ ବିକାଶର ପରିଭାଷା



ରାଜ୍ୟ ବିଜେପିର ଜଣେ ଦକ୍ଷ ସଂଗଠକ ସଜ୍ଜନ ଶର୍ମା। ବିଜେପିକୁ ନିଷ୍କପଟ ଭଲ ପାଇବାରେ ତାଙ୍କ ନାମ ଆଗଧାଡ଼ିରେ ଆସିବ। ଏବେ ସଜ୍ଜନଙ୍କ ଭିଡ଼ିଓକୁ ନେଇ କିନ୍ତୁ ରାଜନୀତିକ ଚର୍ଚ୍ଚା ଜୋର ଧରିଛି। ଏବେ ସେ ଗୁଆଘିଅ ଉପରେ ଭିଡ଼ିଓଟେ କରିଛନ୍ତି। ପ୍ରଥମ ଭିଡିଓରେ ସଜ୍ଜନ କହିଛନ୍ତି, ଦିନଥିଲା ଚାଳ ଘରେ ରହୁଥିବା ଓ ଗରିବ ବୋଲାଉଥିବା ଲୋକଙ୍କ ଘରେ ମଧ୍ୟ ଗୁଆଘିଅ ଥିଲା। କିନ୍ତୁ ଆଜି କୋଟିପତିଙ୍କ ଘରେ ମଧ୍ୟ ଗୁଆଘିଅର ଦର୍ଶନ ମିଳୁନି। ଏହି କଥା କହି ସେ ପ୍ରଶ୍ନ କରିଛନ୍ତି ଯେ, ଏହା କଣ ବିକାଶଶୀଳ ଓଡ଼ିଶାର ଚିତ୍ର।

ସେହିପରି ଆଉ ଏକ ଭିଡ଼ିଓରେ ସଜ୍ଜନ କହିଛନ୍ତିଯେ, ଦିନେ ଗରିବର କଚ୍ଚାଘର ଥିଲା। ଗରିବ ସୂତା କପଡ଼ା ପିନ୍ଧୁଥିଲା, ଆଉ କଙ୍କଡ଼ା ଚିଙ୍ଗୁଡ଼ି ଖାଉଥିଲା। କିନ୍ତୁ ଏବେ ଗରିବ କଚ୍ଚାଘରେ ରହିପାରିବନି, ସୂତା କପଡ଼ା ପିନ୍ଧିପାରିବନି ଆଉ କଙ୍କଡ଼ା ଚିଙ୍ଗୁଡ଼ି ଖାଇବା ତ ଦୁଃସ୍ୱପ୍ନ। ଏହା କଣ ଆଧୁନିକ ବିକାଶ କି ବୋଲି ସେ ପ୍ରଶ୍ନ ମଧ୍ୟ କରିଛନ୍ତି।

ତୃତୀୟ ଭିଡିଓରେ ସେ କହିଛନ୍ତି, ପ୍ରତ୍ୟେକ ଘରେ ପୁଅ ଝିଅ ଅଛନ୍ତି, ବୟସ ଗଡ଼ିଯାଉଛି କିନ୍ତୁ ବିବାହ ହୋଇପାରୁନି। ଅନ୍ୟପକ୍ଷରେ ଜେଜେବାପା ଜେଜେମା’ମାନେ ନାତି ନାତୁଣୀଙ୍କ ସାନ୍ନିଧ୍ୟରୁ ବଞ୍ଚିତ ହେଉଛନ୍ତି। ସେପଟରେ ମାଳ ମାଳ କୃତ୍ରିମ ପ୍ରଜନନ କେନ୍ଦ୍ର ଖୋଲୁଛି। ଏହା କଣ ବିକଶିତ ସମାଜର ଲକ୍ଷଣ ?

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA



# ମୋ ପାଇଁ ରାଜନୀତି ହେଉଛି ଲୋକନୀତି: ଅମିତ୍





**? ଅମିତ ବାବୁ, ହାଲ୍‌ଚାଲ୍ କ'ଣ ? ବିଶେଷକରି ରାଜନୀତିକ ସ୍ୱାସ୍ଥ୍ୟ କେମିତି ଅଛି?**

ସବୁ ଭଲ, ଜଗନ୍ନାଥଙ୍କ ଆଶୀର୍ବାଦରୁ ସାରା ଓଡିଶା ଭଲରେ ଅଛି ବୋଲି ମୋର ବିଶ୍ୱାସ। ରାଜନୈତିକ ସ୍ୱାସ୍ଥ୍ୟ କହିଲେ ମୁଁ, ମୋର କିମ୍ବା ଆପଣଙ୍କର ରାଜନୈତିକ ପରିସ୍ଥିତି କଥା ଭାବୁନି ବରଂ ରାଜନୀତିକ ସ୍ୱାସ୍ଥ୍ୟ, ରାଜ୍ୟର ରାଜନୀତିର ହାଲଚାଲ ଆଡକୁ ଇଙ୍ଗିତ କରୁଛି। ରାଜ୍ୟର ରାଜନୈତିକ ହାଲଚାଲ୍ ମୋ ଠାରୁ ଭଲ ତ ଆପଣ ଜାଣନ୍ତି।

**? ବାପାଙ୍କ ପରେ ପୁଅ। ବିଜେଡ଼ିରେ ଏମିତି କେତେ ନେତାଙ୍କ ପୁଅ ବିଧାୟକ ହୋଇସାରିଲେଣି। ହେଲେ ମାନସ ମଲ୍ଲିକଙ୍କ ଭଳି ଜଣେ ଟାଣୁଆ ନେତାଙ୍କ ପୁଅ କେବେ ବିଧାୟକ ହେବେ?**

> **ନବୀନ ପଟ୍ଟନାୟକଙ୍କ ସୁଦୃଷ୍ଟି ଓ ଆର୍ଶୀବାଦ ସବୁବେଳେ ମୋ ଉପରେ ରହିଆସିଛି**

ବାପାଙ୍କ ପରେ ପୁଅ, ମୁଁ ଏ କଥାରେ ବିଶ୍ୱାସ କରେନି କାରଣ, ରାଜନୀତି କାହାର ପୈତୃକ ସମ୍ପତ୍ତି ନୁହେଁ। ଏ କଥା ସତଯେ ମୁଁ ମୋ ବାପାଙ୍କ ପଦ ଚିହ୍ନରେ ଚାଲିବାକୁ ନିଶ୍ଚିତ ଗର୍ବ ଅନୁଭବ କରିବି। କିନ୍ତୁ ମୁଁ ଜଣେ ସ୍ୱାଧୀନଚେତା ଯୁବକ। ରାଜ୍ୟ ତଥା ଦେଶର ସବୁ ଯୁବକଙ୍କ ଭଳି ମୁଁ ମୋ ନିଜ ପରିଚୟ ସୃଷ୍ଟି କରିବାକୁ ଯୋଗ୍ୟ। ବିଧାୟକ ହେବା ରାଜନୀତିରେ କେବଳ ଯେ ଏକମାତ୍ର ପରିମାପକ ତାହା ନୁହେଁ, ଅଞ୍ଚଳବାସୀ ସ୍ୱୀକାର କଲେ ମାନସ ମଲ୍ଲିକଙ୍କ ପୁଅ ନିଶ୍ଚିତ ଦିନେ ବିଧାୟକ ହେବ। କିନ୍ତୁ ତାହା ମୋ ହାତରେ ନାହିଁ। ମୋ ହାତରେ କଣ ଅଛି, ବାପାଙ୍କ ଠାରୁ ଶିଖିଥିବା 'ସେବା ମନୋବୃତ୍ତି'। ମଲା ପର୍ଯ୍ୟନ୍ତ ଧାମନଗର, ଚାନ୍ଦବାଲି ତଥା ସମଗ୍ର ଭଦ୍ରକ ଜିଲ୍ଲାର ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ରହିବି।

**? ଧାମନଗରରେ ଆପଣଙ୍କ ବାପା ସ୍ୱାଧୀନ ଭାବେ ଲଢ଼ିଥିଲେ। ପୁଣି ମନମୋହନ ସାମଲଙ୍କ ଭଳି ଟାଣୁଆ ବିଜେପି ନେତାଙ୍କୁ ହରାଇଥିଲେ। ବାପାଙ୍କ ଲଢୁଆ ସୈନିକଙ୍କ ସହ ଆପଣ ଯୋଗସୂତ୍ରରେ ଅଛନ୍ତି ?**

> **ସଂଜୀବ ମଲ୍ଲିକ ମୋ ଦାଦା, ବାପା ସମାନ ଦାଦାଙ୍କ ଟିକେଟ ପ୍ରତି ମୋର ଲୋଭ ନାହିଁ**

ମାନସ ମଲ୍ଲିକଙ୍କୁ ଯିଏ ପାଖରୁ ଦେଖିଥିବେ ତେବେ ନିଶ୍ଚିତ ଜାଣିଥିବେ, ତାଙ୍କୁ ଧାମନଗର, ଚାନ୍ଦବାଲିବାସୀ କେତେ ଭଲ ପାଆନ୍ତି। ଆପଣ ଆଶ୍ୱସ୍ତ ରୁହନ୍ତୁ, ଧାମନଗର, ଚାନ୍ଦବାଲିବାସୀଙ୍କ ଶ୍ରଦ୍ଧା, ଭଲ ପାଇବା, ଅମିତ ମଲ୍ଲିକ ଉପରେ ଆଜି ବି ସେମିତି ବର୍ଷା ହେଉଛି। ମୁଁ ଭାଗ୍ୟବାନ, ମୋ ବାପା ମୋ ପାଇଁ ଜନତା ଜନାର୍ଦ୍ଦନଙ୍କ ଆଶୀର୍ବାଦରୂପକ ସମ୍ପତ୍ତି ଛାଡିଯାଇଛନ୍ତି। ନହେଲେ ସକ୍ରିୟ ରାଜନୀତିରେ ନଥିଲେ ମଧ ଆପଣଙ୍କୁ କାହିଁକି ଲାଗିଲାଯେ, ଆପଣଙ୍କ ଭଳି ଆଗ ଧାଡିର ସାମ୍ବାଦିକ, ମୋର ସାକ୍ଷାତକାର ଛାପିବ।

**? ୨୦୧୪ରୁ ଆପଣ ଟିକେଟ୍ ପାଇଁ ଉଦ୍ୟମ କରିଆସୁଛନ୍ତି। ଭାବୁଛନ୍ତି ୨୦୨୯ରେ ନବୀନ ପଟ୍ଟନାୟକଙ୍କ ସୁଦୃଷ୍ଟି ଆପଣଙ୍କ ଉପରେ ପଡ଼ିବ?**

> **ଭଦ୍ରକର ଉନ୍ନତି ଦିଗରେ ଆଜି ବି ବଳିଷ୍ଠ ରାଜନୀତିକ ଇଚ୍ଛାଶକ୍ତିର ଅଭାବ ରହିଛି**

ଆଜି ମୋର ବୟସ ୩୭। ୨୦୧୪ ରେ ମୁଁ ୨୫ ବର୍ଷର ଯୁବକ। ଆପଣଙ୍କର ଏ ଧାରଣା ସମ୍ପୂର୍ଣ୍ଣ ଭୁଲଯେ, ମୁଁ ୨୦୧୪ରୁ ଟିକେଟ ପାଇଁ ଆଶାୟୀ ଥିଲି। ନାଁ ୧୪ ନାଁ ୧୯ ନାଁ ୨୪ ମୁଁ କେବେ ବି ଟିକେଟ ରେସରେ ନଥିଲି। ବାକି ରହିଲା ନବୀନ ପଟ୍ଟନାୟକଙ୍କ ସୁଦୃଷ୍ଟିର କଥା। ନବୀନ ପଟ୍ଟନାୟକ ପିତୃତୁଲ୍ୟ। ତାଙ୍କର ସୁଦୃଷ୍ଟି ଓ ଆର୍ଶୀବାଦ ସବୁବେଳେ ମୋ ଉପରେ ରହିଆସିଛି। ଏ କଥା ଆପଣଙ୍କଠୁ ଭଲ ଆଉ କିଏ କହିପାରେ।

**? ଆପଣଙ୍କର ବ୍ୟସ୍ତବହୁଳ ଜୀବନ। ଖବରକାଗଜ ସଂସ୍ଥା ଠାରୁ ନେଇ ନିଜର ବ୍ୟବସାୟ ପର୍ଯ୍ୟନ୍ତ ଅନେକ କଥା ବୁଝୁଥିବେ। ସମ୍ପ୍ରତି ଆପଣ ନିର୍ବାଚନମଣ୍ଡଳୀ ପାଇଁ କେତେବେଳେ ସମୟ ଦେଉଛନ୍ତି ?**

ପ୍ରଥମେ ତ ମୁଁ ଆପଣଙ୍କୁ ଟିକେ ସଂଶୋଧନ କରିବାକୁ ଚାହିଁବି। ମୋର କୌଣସି ନିର୍ବାଚନମଣ୍ଡଳୀ ନାହିଁ। ବାପା ଯେଉଁ ନିର୍ବାଚନମଣ୍ଡଳୀରେ ଲଢୁଥିଲେ, ସେ ନିର୍ବାଚନମଣ୍ଡଳୀର ଅଞ୍ଚଳବାସୀ ଏବେ ଏକାଧିକ ନିର୍ବାଚନମଣ୍ଡଳୀର ଅଂଶ। ଓଡ଼ିଶାର ଜଣେ ଯୁବନେତା ହିସାବରେ ସମଗ୍ର ଓଡିଶା ମୋର ଅଞ୍ଚଳ। ସମଗ୍ର ଓଡ଼ିଶାର ସମସ୍ୟା ମୋ ସମସ୍ୟା। ସେ ଦିଗରେ ଆମେ ଯୁବଶକ୍ତି ଟ୍ରଷ୍ଟ ଗଠନ କରି ଅନେକ ମଙ୍ଗଳମୟ କାର୍ଯ୍ୟ ହାତକୁ ନେଇଛୁ। ଆଉ ଅନେକ ଯୋଜନାରେ ରହିଛି।

**? କ୍ଷମତାରେ ନଥାଇବି ଆପଣଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଧାମନଗର ନିର୍ବାଚନମଣ୍ଡଳୀର କିକି ବିକାଶରେ ଆପଣଙ୍କ ହାତ ରହିଛି?**

ମୋତେ ଲାଗୁଛି, ଆପଣ ଏ ପ୍ରଶ୍ନର ଉତ୍ତର ପାଇ ସାରିଲେଣି। କେବଳ ଧାମନଗର କାହିଁକି ? ସମଗ୍ର ଭଦ୍ରକ ଜିଲ୍ଲା କଣ ମୋର ଦାୟିତ୍ୱ ନୁହେଁ। ଆପଣଙ୍କୁ ଲାଗୁନି କି ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଦିଗରେ ଆଜି ବି ଏକ ବଳିଷ୍ଠ ରାଜନୀତିକ ଇଚ୍ଛା ଶକ୍ତିର ଅଭାବ ରହିଛି।

**? ଆଗାମୀ ଦିନରେ ବିଜେଡ଼ି ଓ ବିଜେପି ମେଣ୍ଟକୁ ନେଇ ଚର୍ଚ୍ଚା ହେଉଛି। ଏଇ ମେଣ୍ଟ ପାଇଁ ଆପଣଙ୍କ ବାପାଙ୍କୁ ଟିକେଟ୍ ମିଳିନଥିଲା। ଏଭଳି ସମ୍ଭାବନା ଆସିଲେ, ଆପଣଙ୍କ ରାଜନୀତିକ ଭବିଷ୍ୟତ କେଉଁ ଦିଗକୁ ଯିବ ?**

ରାଜନୀତି ଏକ ପରିକଳ୍ପନାର ବିଷୟ ନୁହେଁ। ମୋ ପାଇଁ ରାଜନୀତି ହେଉଛି ଲୋକନୀତି। ଯେଉଁ ମେଣ୍ଟ ବିଷୟରେ ଆପଣ କହୁଛନ୍ତି ୨୦୦୯ ପରେ ପ୍ରାୟ ସବୁ ନିର୍ବାଚନରେ ତଥାକଥିତ ରାଜନୈତିକ ସମୀକ୍ଷକଙ୍କ ଠାରୁ ଆପଣ ମେଣ୍ଟ ପରିକଳ୍ପନା ଶୁଣି ଆସିଥିବେ। ଏପରିକି ୨୪ ନିର୍ବାଚନ ପୂର୍ବରୁ ମଧ ମେଣ୍ଟ ହେବ ବୋଲି ଆପଣମାନେ କହୁଥିଲେ। ମେଣ୍ଟ ହେବ କି ହେବନି ସେ ତ ସମୟ କହିବ। କିନ୍ତୁ ମେଣ୍ଟ ମୋର ଭାଗ୍ୟ ନିର୍ଦ୍ଧାରିତ କରିବ ନାହିଁ। ଯେମିତି ମୋ ବାପାଙ୍କ ଭାଗ୍ୟ ନିର୍ଦ୍ଧାରଣ କରିନଥିଲା।

> **ଅଞ୍ଚଳବାସୀ ଚାହିଁଲେ ମାନସ ମଲ୍ଲିକଙ୍କ ପୁଅ ନିଶ୍ଚିତ ଦିନେ ବିଧାୟକ ହେବ**

**? ଟିକେ ବ୍ୟକ୍ତିଗତ କଥା ପଚାରିବି। ସଂଜୀବ ମଲ୍ଲିକ ଟିକେଟ୍ ପାଉଛନ୍ତି ବୋଲି ଆପଣଙ୍କ ଟିକେଟ୍ କଟିଯାଉଛିକି ? ମାନେ ଗୋଟିଏ ଘରୁ ଦିଇଟା ଟିକେଟକୁ ନେଇ ଦଳ ରାଜି ହେଉନି?**

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

ସଂଜୀବ ମଲ୍ଲିକ ମୋ ଦାଦା, ବାପା ସମାନ ଦାଦାଙ୍କ ଟିକେଟ ପ୍ରତି ମୋର ଲୋଭ ନାହିଁ। ଆପଣ ରାଜନୀତିକୁ ଆଉ ଟିକେ ପାଖରୁ ଦେଖିବାର ଆବଶ୍ୟକତା ରହିଛି। ଦାଦା ଯେଉଁ ନିର୍ବାଚନମଣ୍ଡଳୀରୁ ଲଢୁଛନ୍ତି, ତାହା ନା କେବେ ମୋ ବାପାଙ୍କ ଅଞ୍ଚଳ ଥିଲା ନା ତାଙ୍କ ସହ ମୋର ମୁହାଁମୁହିଁ ହେବା କେବେ ସମ୍ଭବ ? ଟିକେ ପୂର୍ବରୁ ଆପଣ ମୋତେ ଧାମନଗର ନିର୍ବାଚନ ମଣ୍ଡଳୀ କଥା ପଚାରୁଥିଲେ ଏବେ ମୋତେ ଭଣ୍ଡାରିପୋଖରୀ ପହଞ୍ଚାଇଦେଲେ। ଆପଣ ନିଷ୍ପତ୍ତି ନିଅନ୍ତୁ, ଅମିତ ମଲ୍ଲିକଙ୍କୁ ଆପଣ କେଉଁଠିକାର ବିଧାୟକ ଭାବେ ଦେଖିବାକୁ ଚାହୁଁଛନ୍ତି।

**? ସମ୍ପ୍ରତି ଆପଣ ଏକ ଟ୍ରଷ୍ଟ କରିଛନ୍ତି? ଟ୍ରଷ୍ଟ ଜରିଆରେ କିକି ସେବାମୂଳକ କାର୍ଯ୍ୟ ଚାଲିଛି?**

> **ଭଦ୍ରକ ଜିଲ୍ଲା ପାଇଁ ଯୁବ ଶକ୍ତି ଟ୍ରଷ୍ଟ କରିବ ହେଲଥ ହେଲପଲାଇନ୍**

ଟ୍ରଷ୍ଟର କାର୍ଯ୍ୟ ଏବେ ୩ ରୁ ୪ ମାସ ହେଲା ଆରମ୍ଭ ହୋଇଛି। ଯୁବଶକ୍ତି ଟ୍ରଷ୍ଟ ଜରିଆରେ ଓଡ଼ିଶାରେ ଯୁବକମାନଙ୍କର ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ବିକାଶ କରି ଜନକଲ୍ୟାଣରେ ଉତ୍ସର୍ଗ କରିବାର ଲକ୍ଷ୍ୟ ରଖାଯାଇଛି। ଏ ଦିଗରେ କିଛି କାର୍ଯ୍ୟ ଆମେ ହାତକୁ ନେଇଛୁ। ୨ ମାସ ତଳେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ଓଡ଼ିଶାର ମାନ୍ୟଗଣ୍ୟ ଯୁବ ତାରକାମାନେ ଯୋଗ ଦେଇ ଯୁବା ଶକ୍ତିର କାର୍ଯ୍ୟକର୍ତ୍ତା ତଥା ରକ୍ତଦାନ କରିବାକୁ ଆସିଥିବା ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଏହାଛଡ଼ା ଯୋଗ ଦିବସ ପାଳନ, ବୃକ୍ଷରୋପଣ, ଭଦ୍ରକ ଜିଲାରୁ ସ୍ୱାସ୍ଥ୍ୟସେବା ପାଇଁ ଭୁବନେଶ୍ୱର ଆସୁଥିବା ବ୍ୟକ୍ତିବିଶେଷମାନଙ୍କୁ ହସ୍ପିଟାଲରେ ସାହାଯ୍ୟ କଲାଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଖୁବ୍‌ଶୀଘ୍ର ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ଏକ ସହାୟତା ନମ୍ବର ଜାରି କରାଯିବ। ଭଦ୍ରକବାସୀଙ୍କର କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ହେତୁ ଯଦି ଭୁବନେଶ୍ୱର ଆସିବାର ଆବଶ୍ୟକତା ପଡ଼େ, ତେବେ ସେମାନେ ଉକ୍ତ ସହାୟତା ନମ୍ବରରେ ଯୋଗାଯୋଗ କରି ଆବଶ୍ୟକ ସହଯୋଗ ପାଇପାରିବେ। ଚଳିତବର୍ଷ ରଥଯାତ୍ରାରେ ପିପିଲିରୁ ପୁରୀ ମଧ୍ୟରେ ବିଭିନ୍ନ ସ୍ଥାନରେ ଶିବିର ଲଗାଇ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ରୁଟ ମ୍ୟାପ, ନୀତିକାନ୍ତି ଓ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଇବାର କାର୍ଯ୍ୟକ୍ରମ ରହିଛି।

> **ପଞ୍ଚାୟତ ନିର୍ବାଚନ ପୂର୍ବରୁ ସୁଜାତାଙ୍କୁ ଦଳକୁ ଆଣିବା ନବୀନ ପଟ୍ଟନାୟକଙ୍କର ମାଷ୍ଟର ଷ୍ଟ୍ରୋକ**

**? ସୁଜାତା ଆସିବା ପରେ ବିଜେଡ଼ି କେତେ ମଜବୁତ୍ ହେବ ବୋଲି ଆପଣ ଭାବୁଛନ୍ତି?**

ଏ ବିଷୟ ସବୁ ମହଲରେ ଚର୍ଚ୍ଚା ହେଉଛି। କାରଣ କେଉଁଠି ନା କେଉଁଠି ଲୋକଙ୍କ ମଧ୍ୟରେ ରାଜନୈତିକ ପରିପକ୍ୱତା କମ୍ ରହିଛି। ବିଜେଡି ଯେବେ ନିର୍ବାଚନ ଲଢେ, ଓଡ଼ିଶାର ୧୪୭ଟି ନିର୍ବାଚନମଣ୍ଡଳୀରେ ନବୀନ ପଟ୍ଟନାୟକ ନିଜେ ଲଢ଼ିଥାନ୍ତି। ଦଳରେ ନୂଆ ଲୋକଙ୍କ ଆସିବା ଏବଂ ପୁରୁଣା ଲୋକଙ୍କ ଯିବା ଏକ ସାଧାରଣ ରାଜନୈତିକ ପ୍ରକ୍ରିୟା। ବିଭିନ୍ନ ସମୟରେ ବିଭିନ୍ନ ଦଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ନବୀନ ପଟ୍ଟନାୟକ ହେଉଛନ୍ତି ବିଜେଡିର ସୂର୍ଯ୍ୟ, ସେଠି ଅନେକ ତାରକା ସମାହିତ ହୋଇପାରିବେ। ମିଶନ ଶକ୍ତି ଜରିଆରେ ନାରୀ ସଶକ୍ତିକରଣ ଯେଉଁ ଭଳି ଉଦାହରଣ ସୁଜାତା ରାଉତ ସୃଷ୍ଟି କରିଛନ୍ତି, ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କୁ ଦଳକୁ ଆଣିବା ନବୀନ ପଟ୍ଟନାୟକଙ୍କର ମାଷ୍ଟର ଷ୍ଟ୍ରୋକ ବୋଲି କୁହାଯାଇପାରେ।

ଗର୍ବିତ ଓଡ଼ିଆ

# ପ୍ରଭାତଙ୍କ ହାତରେ ପଦ୍ମ

## କିଏ ମଜବୁତ୍ ? ପ୍ରଭାତ ନା ବିଜେପି

ବାସ୍, ବିଳମ୍ବରେ ହେଉ ପଛେ ପଦ୍ମ ଧରିଛନ୍ତି ପ୍ରଭାତ ବିଶ୍ୱାଳ। ପ୍ରଭାତ ଜଣେ ଟାଣୁଆ ସଂଗଠକ, ଏହା ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବି ସ୍ୱୀକାର କରନ୍ତି। ସଂଗଠନ ପାଇଁ ସେ ଦିନକୁ ୧୨/୧୪ ଘଣ୍ଟା ସମୟ ବି ଦିଅନ୍ତି। ମିଡ଼ିଆ ମ୍ୟାନେଜମେଣ୍ଟ ଆଉ ପିଆର ମ୍ୟାନେଜମେଣ୍ଟରେ ବି ମାହିର। ଗାଏମୋଟ୍ କହିଲେ କଟକିଆଙ୍କ ପାଇଁ ସେ ଜଣେ ଭଲ ନେତା ଓ ବନ୍ଧୁ ଭାବେ ପରିଚିତ। ଏବେ ପ୍ରଶ୍ନ ଉଠୁଛି ? ପ୍ରଭାତ ପଦ୍ମ ଧରିବା ପରେ କିଏ ମଜବୁତ୍ ? ପ୍ରଭାତ ନା ବିଜେପି ?

### ସ୍ୱାଧୀନରେ ଜିଣିଥିଲେ ପ୍ରଭାତ

୨୦୦୦ ଓ ୨୦୦୪ରେ ବିଜେଡ଼ି ଓ ବିଜେପି ମେଣ୍ଟ ହୋଇଥିଲା। ସେହି ସମୟରେ କଟକ ସଦର ଓ କଟକ ସିଟି ଦୁଇଟି ଯାକ ଆସନ ବିଜେପି ଭାଗରେ ପଡ଼ିଥିଲା। ତେଣୁ ବିଜେଡ଼ିକୁ ମଜବୁତ୍ କରିବା ପାଇଁ ବିଜେପି ବିରୋଧରେ ଏକ ଗୁପ୍ତ ରଣନୀତି କରାଯାଇଥିଲା। ୨୦୦୦ରେ ପ୍ରଭାତ ସ୍ୱାଧୀନ ଭାବେ ଲଢ଼ି ୩୯ ହଜାର ଭୋଟ୍ ପାଇଥିଲେ। କିନ୍ତୁ ବିଜେପି ନେତ୍ରୀ ନିବେଦିତା ପ୍ରଧାନ ବିଧାୟିକା ହୋଇଥିଲେ। ପରେ ୨୦୦୪ରେ ପୁଣି ପ୍ରଭାତ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ। ଏକଥା ଉଲ୍ଲେଖ କରିବାର କାରଣ ହେଉଛି, ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପ୍ୟାରୀମୋହନ ମହାପାତ୍ର ପ୍ରଭାତଙ୍କୁ ପ୍ରଚ୍ଛଦପଟରେ ସହଯୋଗ କରିଥିଲେ।

### ବିଜେଡ଼ିରେ ପ୍ରଭାତଙ୍କ ଉତଥାନ

କଟକ ବିଜେଡ଼ି ରାଜନୀତିରେ ପ୍ରଭାତ ବିଶ୍ୱାଳ ବେଶ୍ ଦବଦବା ଜାହିର କରିଆସୁଥିଲେ। ଏହା ପଛରେ ପ୍ୟାରୀମୋହନ ମହାପାତ୍ରଙ୍କ ହାତ ରହିଥିଲା। ପ୍ୟାରୀଙ୍କ ବଳରେ ବଳୀୟାର



ପ୍ରଭାତ ସେତେବେଳେ ତତ୍କାଳୀନ ସାଂସଦ ଭର୍ତ୍ତୃହରି ମହତାବ, ଦେବାଶିଷ ସାମନ୍ତରାୟଙ୍କ ଠାରୁ ବି ପାୱାରଫୁଲ୍ ଥିଲେ। ମଧ୍ୟରାତ୍ର ଷଡ଼ଯନ୍ତ୍ର ବେଳେ ପ୍ରଭାତଙ୍କୁ ଦଳ ନିଲମ୍ବନ ବି କରିଥିଲା। କିନ୍ତୁ ବର୍ଷକ ପରେ ନିଲମ୍ବନ ଉଠାଇଦେଇ ଟିକେଟ୍ ଦେଇଥିଲା। ତେବେ ଚିଟଫଣ୍ଡ ଘଟଣାରେ ପ୍ରଭାତଙ୍କ ନାମରେ ଅଭିଯୋଗ ଆସିବାରୁ ତାଙ୍କ ବଦଳରେ ପୁଅ ସୌଭିକଙ୍କୁ ଦୁଇ ଦୁଇ ଥର ଦଳ ଟିକେଟ୍ ଦେଇଛି।

### ପୁଅ ନୁହେଁ, ନିଜେ ହେବେ ବିଧାୟକ

ବିଜେଡ଼ି କେବେବି ତାଙ୍କୁ ଟିକେଟ ଦେବନାହିଁ, ଏକଥା ପ୍ରଭାତ ଭଲଭାବେ ଜାଣି ସାରିଛନ୍ତି। ନିଜେ ରାଜନୀତିରେ ବେଶ୍ ସଫଳ ଥିବାରୁ ପୁଣିଥରେ ବିଧାୟକ ହେବାପାଇଁ ସେ ଚାହୁଁଛନ୍ତି। ସୌଭିକ ବିଶ୍ୱାଳ ମଧ୍ୟ ଏହି ମର୍ମରେ ବହୁ ପୂର୍ବରୁ ସଂକେତ ଦେଇ ସାରିଛନ୍ତି। ଏମିତିକି ତାଙ୍କୁ ନୁହେଁ ବାପାଙ୍କୁ ଟିକେଟ୍ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ତେଣୁ ପ୍ରଭାତ ନିଜେ ବିଧାୟକ ହେବାପାଇଁ ବିଜେପିକୁ ହିଁ ବିକଳ୍ପ ଭାବେ ବାଛିଛନ୍ତି। ଦିଲ୍ଲୀପ ରାୟ ମଧ୍ୟ ତାଙ୍କ ପଛରେ ରହିଛନ୍ତି। ଯେଉଁଥିପାଇଁ ପ୍ରଭାତଙ୍କ ଆତ୍ମବିଶ୍ୱାସ ଆହୁରି ବଢ଼ିଯାଇଛି। ଗାଏମୋଟ୍ କହିଲେ, ପ୍ରଭାତ ବିଜେପିରେ ମିଶିବା ପରେ ଦଳ କେତେ ମଜବୁତ୍ ହେବ ଅଲଗା କଥା, ପ୍ରଭାତ କିନ୍ତୁ ବେଶ୍ ମଜବୁତ୍ ହେବା ଥୟ। କାହିଁକିନା ବିଜେପି ୨୦୨୯ ପର୍ଯ୍ୟନ୍ତ ଶାସନ କ୍ଷମତାରେ ବି ରହିଛି। ମିଶ୍ରଣ ପର୍ବ ବେଳେ ଟେଡ଼ି ବିୟର ଭଳି ମୋହନ ମାଝୀଙ୍କ ସହ ତାଙ୍କର ଆଲିଙ୍ଗନ ବି ଅନେକ ବାର୍ତ୍ତା ଦେଇଛି।

### ନୀତିନ ନବୀନଙ୍କ ନାଁ ଉଠାଇଲା କିଏ ?

ନୀତିନ ନବୀନ ଭୁବନେଶ୍ୱର ଆସିବେ। ପ୍ରଭାତ ବିଶ୍ୱାଳଙ୍କୁ ଦଳରେ ମିଶାଇବେ। କଟକ ଡେଟଲାଇନରେ ଏମିତି କିଛି ଖବର ପ୍ରକାଶ ପାଇଥିଲା। କିନ୍ତୁ ନୀତିନ ନବୀନଙ୍କ ଗସ୍ତ ସମ୍ପର୍କରେ ଦଳ ପକ୍ଷରୁ କେହି ଜାଣିନଥିବାବେଳେ ପ୍ରଭାତ ବିଶ୍ୱାଳ କେମିତି ଜାଣି ପକାଇଲେ ? ଏନେଇ ଖୋଳତାଡ଼ କରିବା ପରେ ଜଣାପଡ଼ିଥିଲାଯେ, ପ୍ରଭାତ ବାବୁ ତାଙ୍କ ଉର୍ବର ମସ୍ତିଷ୍କରୁ ଏମିତି ଏକ ଆଇଡିଆଟେ ବାହାର କରିଥିଲେ। ଯାହାଦ୍ୱାରା ସେ ବିଜେପିରେ କେତେ ପ୍ରଭାବଶାଳୀ ହେବେ ତାହା ଦର୍ଶାଇବା ସହ ବିଜେପିକୁ ଆସିବାକୁ ଅମଙ୍ଗ ତାଙ୍କର କିଛି ସମର୍ଥକଙ୍କୁ ପଦ୍ମପୋଖରୀ ମୁହାଁ କରାଇବାରେ ସଫଳ ହେବେ। ସେହିପରି କଟକ ବିଜେପିର ଆଗଧାଡ଼ିର ନେତା ହେଉଛନ୍ତି ନୟନ କିଶୋର ମହାନ୍ତି। ହାରିଲେବି ତାଙ୍କର ଟିକେଟ୍‌ଟି ଥୁଆ ହୋଇ ରହିଥାଏ। ପ୍ରଭାତ ବିଶ୍ୱାଳ ଦଳକୁ ଆସନ୍ତୁ ବୋଲି ସେ ଚାହୁଁନଥିଲେ। ଏମିତିକି ତାଙ୍କ ପାଇଁ ପ୍ରଭାତଙ୍କ ମିଶ୍ରଣ ପର୍ବ ବି ଅଟକି ରହିଥିଲା।

### ପ୍ରଭାତଙ୍କୁ ଚେକ୍ ଦେଲା ବିଜେଡ଼ି

ଚୌଦ୍ୱାର କଟକ ହେଉ ଅବା କଟକ ମହାନଗର ନିଗମ, ପ୍ରଭାତ ବିଶ୍ୱାଳଙ୍କ ସହ ଅନେକ କର୍ପୋରେଟର ଓ କାଉନସିଲର ରହିଛନ୍ତି। ପ୍ରଭାତଙ୍କ ସହ ବିଜେପିକୁ ଯିବା ପାଇଁ ସେମାନେ ବି ସଜବାଜ ହୋଇଥିଲେ। କିନ୍ତୁ ଠିକ୍ ସମୟରେ ବିଜେଡ଼ି ଗୋଟିଚାଳନା କରି ପ୍ରଭାତଙ୍କ ଚାଲକୁ ଭଣ୍ଡୁର କରିଦେଇଛି। ଅବଶ୍ୟ ପ୍ରଭାତଙ୍କ ଦୃଢ଼ ସମର୍ଥକ ଥିବା କର୍ପୋରେଟର ଓ କାଉନସିଲରମାନେ ମିଶ୍ରଣ ପର୍ବ ପାଇଁ ବିଜେପି ଅଫିସକୁ ଲୋକ ପଠାଇବାରେ ହେଳା କରିନଥିଲେ। ପ୍ରଭାତଙ୍କ ସହ ବିଜେପିରେ ଦୁଇ ସ୍ୱାଧୀନ କର୍ପୋରେଟର ପଦ୍ମିନୀ ସାହୁ ଓ ମୀନା ସାହୁ ଏବଂ କାଉନସିଲର ସୁଜାତା ସାହୁ ସାମିଲ୍ ହୋଇଥିଲେ। ତେବେ ତାଙ୍କ ସହ ଥିବା ସୁବ୍ରତ ଘଡ଼େଇ, ଅରବିନ୍ଦ ଜେନା, ବିଶ୍ୱବନ୍ଦିତା ପଣ୍ଡାଙ୍କ ସମେତ ୯ କର୍ପୋରେଟରଙ୍କ ମଧ୍ୟରୁ କେବଳ ସ୍ୱାଧୀନ ମାନେ ହିଁ ବିଜେପିରେ ଯୋଗଦେଇଥିଲେ। ସଭ୍ୟ ପଦ ରଦ୍ଦ ପାଇଁ ବିଜେଡ଼ି ଆଇନଗତ ପଦକ୍ଷେପ ନେବବୋଲି ଚେତାବନୀ ଦେବାପରେ ସେମାନେ ବିଜେପିରେ ଯୋଗ ଦେବାକୁ ଡରିଥିଲେ। ତେବେ କଟକ ମହାନଗର ନିଗମ ଭାଙ୍ଗିବା ପରେ ସେମାନେ ବିଜେପିରେ ମିଶିବା ନେଇ ସବୁଜ ସଂକେତ ଦେଇଛନ୍ତି।

## ଝାରସୁଗୁଡ଼ା ବିଜେପିରେ ଝିମିଟି ଖେଳ

# ଆଗକୁ ମହାଭାରତ !

ବାସ୍, ଯାହା ଆଶଙ୍କା କରାଯାଉଥିଲା, ଝାରସୁଗୁଡ଼ା ବିଜେପିରେ ସେଇଆ ହିଁ ହେଲା । ଶାସକ ଦଳରେ ଥିବା ଭୟଙ୍କର ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡିଛି । ଝାରସୁଗୁଡା ନିର୍ବାଚନମଣ୍ଡଳୀ ଗସ୍ତରେ ଯାଇଥିବା ସୁରେଶ ପୂଜାରୀଙ୍କୁ ସ୍ଥାନୀୟ ବିଜେପି କାର୍ଯ୍ୟକର୍ତ୍ତାମାନେ ଜୋରଦାର ବିରୋଧ କରିଛନ୍ତି । ସୁରେଶଙ୍କୁ ହଟହଟା ହେବାକୁ ପଡ଼ିଛି । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମର୍ଥକମାନେ ତାଙ୍କ ଗାଡ଼ି ଅଟକାଇ 'ସୁରେଶ ପୂଜାରୀ ଗୋ ବ୍ୟାକ୍' ବୋଲି ନାରାବାଜି କରିବା ସହ 'ଟଙ୍କଧର ତ୍ରିପାଠୀ ଜିନ୍ଦାବାଦ' ବୋଲି ସ୍ଲୋଗାନବାଜି କରିଥିଲେ ।



## ଦୀପାଳି ଦାସ ଫ୍ୟାକ୍ଟର ?

ଆଜିକା ଦିନରେ ଦୀପାଳି ଦାସ ଉଭୟ ବିଜେଡ଼ି ଓ ବିଜେପି ସହ ସମ୍ପର୍କ ରଖିଛନ୍ତି । ବ୍ୟବସାୟିକ କାରଣରୁ ହେଉକି ରାଜନୀତିକ ଭବିଷ୍ୟତ ପାଇଁ ହେଉ, ବିଜେପି ସହ ସମ୍ପର୍କ ରହିଥିବା କଥା ସମସ୍ତେ ଜାଣନ୍ତି । ବ୍ରଜରାଜନଗରରେ ସୁରେଶ ପୂଜାରୀ ବିରାଟ ବ୍ୟବଧାନରେ ବାଜିମାତ୍ କରିଥିଲେ । ୨୦୨୨ ଉପନିର୍ବାଚନରେ ଅଳକା ମହାନ୍ତି ସେଠାରେ ୯୩ ହଜାରରୁ ଅଧିକ ଭୋଟ୍ ପାଇଥିଲେ । କିନ୍ତୁ ୨୦୨୪ ବେଳକୁ ତାଙ୍କର ଭୋଟ୍ ପ୍ରାୟ ୪୦ ହଜାର କମିଯାଇଥିଲା । ବାସ୍ତବରେ କିଶୋର ମହାନ୍ତିଙ୍କର ବ୍ରଜରାଜନଗରରେ ବିଶେଷ ସଂଗଠନ ହିଁ ନଥିଲା । ବରଂ ସେଠାରେ ନବ ଦାସଙ୍କର ମଜବୁତ୍ ସଂଗଠନ ଥିଲା । ଯେଉଁଥିପାଇଁ କିଶୋର ମହାନ୍ତିଙ୍କ ମୃତ୍ୟୁ ପରେ ହେବାକୁ ଥିବା ଉପନିର୍ବାଚନ ପାଇଁ ନବ ଦାସଙ୍କ ଝିଅ ଦୀପାଳି ବି ଟିକେଟ୍ ରେସ୍‌ରେ ରହିଥିଲେ । କିନ୍ତୁ ନବୀନ ବାବୁ ସେତେବେଳେ ଅଳକାଙ୍କ ଉପରେ ଭରସା କରିଥିଲେ । ସେହିପରି ଝାରସୁଗୁଡ଼ା ରାଜନୀତିରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ୨୦୨୪ରେ ଅଳକାଙ୍କୁ ହରାଇବା ପାଇଁ ଦୀପାଳି ଯୋଜନା କରିଥିଲେ । ନବ ଦାସଙ୍କ ପୁରୁଣା ସହଯୋଗୀମାନେ ବିଜେଡ଼ି ବଦଳରେ ବିଜେପିକୁ ହିଁ ଭୋଟ୍ ଦେଇଥିଲେ । ଯେଉଁଥିପାଇଁ ୨୦୨୨ ଉପନିର୍ବାଚନରେ ୨୩ ହଜାର ଛୁଇଁନଥିବା ବିଜେପି ୨୦୨୪ରେ ୯୩ ହଜାରରୁ ଅଧିକ ଭୋଟ୍ ପାଇଥିଲା । ଏମିତିକି ଅଳକା ବି ସେଇ ରାଗରେ ବିଜେପିକୁ ଯିବା ପାଇଁ ଯୋଜନା କରିଥିଲେ ବୋଲି ଝାରସୁଗୁଡ଼ା ରାଜନୀତିରେ ଚର୍ଚ୍ଚା ହେଉଛି । ଦୀପାଳି ଦାସ ଫ୍ୟାକ୍ଟର ଟଙ୍କ-ସୁରେଶଙ୍କ କଳିର ଆଉ ଏକ କାରଣ ନୁହେଁ ତ ?

## ଟଙ୍କ-ସୁରେଶ କଳି

ସୁରେଶ ହେଉଛନ୍ତି ବିଜେପିର ବରିଷ୍ଠ ନେତା । ରାଜ୍ୟ ସଭାପତି ବି ଥିଲେ । ଅତଏବ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ଦକ୍ଷତା ତାଙ୍କର ରହିଛି । ସେପଟେ ଟଙ୍କଧର ଯୁବନେତା ହୋଇଥିଲେବି ଏବିଭିପି ଅମଳରୁ ରାଜ୍ୟ ରାଜନୀତିରେ ସକ୍ରିୟ ରହିଛନ୍ତି । ବିଜେପି ଯୁବମୋର୍ଚ୍ଚାର ସଭାପତି ବି ସେ ଥିଲେ । ରାଜ୍ୟସ୍ତରୀୟ ନେତା ହୋଇଥିବାରୁ ତାଙ୍କର ବି ସମସ୍ତଙ୍କୁ ନେଇ ଚାଲିବାର ଦକ୍ଷତା ରହିଛି । ଉଭୟଙ୍କର ଯଦି ଦକ୍ଷତା ରହିଛି ତେବେ ଏ କେଁ କାହିଁକି? ୨୦୨୪ ନିର୍ବାଚନରେ ଉଭୟ ନେତା ପ୍ରଥମ ଥର ପାଇଁ ବିଧାନସଭାକୁ ଯାଇଛନ୍ତି । ସୁରେଶ ବହୁବାର ବ୍ରଜରାଜନଗରରୁ ହାରିବା ପରେ ପ୍ରଥମ ଥର ପାଇଁ ଜିଣିଛନ୍ତି । ସେପଟେ ନବ ଦାସଙ୍କ ମୃତ୍ୟୁ ପରେ ଅନୁଷ୍ଠିତ ଝାରସୁଗୁଡ଼ା ଉପନିର୍ବାଚନରେ ଟଙ୍କଙ୍କୁ ବଡ଼ ପରାଜୟ ବରଣ କରିବାକୁ ପଡ଼ିଥିଲା । କିନ୍ତୁ ୨୦୨୪ରେ ସେ ଦୀପାଳିଙ୍କୁ ହରାଇବାରେ ସଫଳ ହୋଇଥିଲେ । ଦୁଇ ନେତା ସଂଘର୍ଷ କରି ପ୍ରଥମ ବିଜୟ ହାସଲ କରିବା ସହ ଝାରସୁଗୁଡ଼ାକୁ ବିଜେପି ଗଡ଼ରେ ପରିଣତ କରିଛନ୍ତି । ଦଳ ସରକାରକୁ ଆସିବା ପରେ ସୁରେଶ ପୂଜାରୀ ବରିଷ୍ଠତା ଭିତ୍ତିରେ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ । ତେବେ ଗୋଟିଏ ଜିଲ୍ଲାର ଦୁଇ ବିଧାୟକ ଥିବାରୁ ଯୋଗ୍ୟତା ସତ୍ତ୍ୱେ ମନ୍ତ୍ରୀ ହୋଇପାରିନାହାନ୍ତି ଟଙ୍କଧର । ତେବେ ମନ୍ତ୍ରୀ ହେବାପରେ ସୁରେଶ ପୂରା ଜିଲ୍ଲାରେ ହାକିମାତି କରିବାକୁ ରଣନୀତି କରିଥିଲେ । ହେଲେ ଟଙ୍କଧର ଏଥିରେ ବାଧା ଦେଇଥିଲେ । ଯିଏ ଯାହା ନିର୍ବାଚନମଣ୍ଡଳୀ କଥା ବୁଝନ୍ତୁ ବୋଲି ଟଙ୍କଧର ଚାହୁଁଥିଲେ । କିନ୍ତୁ ସେମିତି ନହେବାରୁ ଧିରେଧିରେ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଚାଲିଛି । ଯାହା ଥମିବାର ନାଁ ଧରୁନାହିଁ ।

## ବିଜେପି ପଡ଼ିବ ବଳି

ଏକଦା ଝାରସୁଗୁଡ଼ା ଥିଲା କଂଗ୍ରେସର ଗଡ଼ । ପଞ୍ଚାୟତ ଓ ପୌରରେ ବି କଂଗ୍ରେସ ଭଲ ପ୍ରଦର୍ଶନ କରୁଥିଲା । କିନ୍ତୁ ନବ ଦାସ ବିଜେଡ଼ିକୁ ଯିବା ପରେ ତାହା ବିଜେଡ଼ିର ଗଡ଼ରେ ପରିଣତ ହୋଇଛି । କିଶୋର ମହାନ୍ତି ଓ ନବ ଦାସଙ୍କ ମଧ୍ୟରେ ତିକ୍ତତା ଥିଲେବି ଦଳ ଉଭୟଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲା । କିନ୍ତୁ ଦୁଇ ବଡ଼ ନେତାଙ୍କ ଅବର୍ତ୍ତମାନରେ ବିଜେଡ଼ିରେ ଟାଣୁଆ ନେତାଙ୍କର ଅଭାବ ରହିଛି । ଯେଉଁ ମଉକାରେ ବିଜେପି ଜିଲ୍ଲାରେ ଦବଦବା ଆରମ୍ଭ କରିଛି । କିନ୍ତୁ ଟଙ୍କ-ସୁରେଶଙ୍କ ଶୀତଳଯୁଦ୍ଧର ଫାଇଦା ବିଜେଡ଼ି ନେବାର ସମ୍ଭାବନା ରହିଛି । ସରକାରକୁ ଆସିବାର ଦୁଇ ବର୍ଷ ଭିତରେ ଯଦି ଏତେ କଳି, ଆଗକୁ ଆଉ କେତେ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ।

## ନବୀନଙ୍କଠୁ ଶିଖୁ ବିଜେପି

ଅଳକା-ଦୀପାଳିଙ୍କ ମଧ୍ୟରେ ବ୍ୟକ୍ତିଗତ ଓ ରାଜନୀତିକ ତିକ୍ତତା ବହୁ ବର୍ଷ ଧରି ରହିଆସିଛି । ଏମିତିକି କିଶୋର-ନବଙ୍କ ଭିତରେ ବି ତିକ୍ତତା ରହିଥିଲା । କିନ୍ତୁ ଉଭୟ ନେତାଙ୍କୁ ତାଗିଦ୍ କରି, ବୁଝାଇ ଶୁଝାଇ ନବୀନ ବାବୁ ଦଳ ପାଇଁ କାମ କରିବାକୁ ପରାମର୍ଶ ଦେଇଛନ୍ତି । କେହି କାହା ନିର୍ବାଚନମଣ୍ଡଳୀ ଭିତରେ ମୁଣ୍ଡ ନଖେଳାଇବାକୁ ବି କୁହାଯାଇଛି । ବିଜେପି ଚାହିଁଲେ ଟଙ୍କଧର ଓ ସୁରେଶଙ୍କୁ ଡାକି ବୁଝାଇପାରିବ । ବିବାଦ ତୁଟିବ କି ନତୁଟିବ ଅଲଗା କଥା, ଅନ୍ତତଃପକ୍ଷେ ପ୍ରୟାସ କରାଯିବାର ଆବଶ୍ୟକତା ରହିଛି । ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂଗଠନ ସମ୍ପାଦକ ମାନସ ମହାନ୍ତି ଏକାଠି ହୋଇ ଦୁଇନେତାଙ୍କୁ ଡାକି ବୁଝାଇବାର ପ୍ରୟାସ କରିବା ଭଳି ମନେହେଉନାହିଁ । ଯେଉଁଥିପାଇଁ ବିବାଦ ତୀବ୍ରତର ହେବାରେ ଲାଗିଛି । ସୁରେଶ ଅପମାନିତ ହୋଇଥିବାରୁ ଆଗକୁ ତାଙ୍କ ସମର୍ଥକମାନେ ବି ଟଙ୍କଧରଙ୍କୁ ପାନେ ଦେବାକୁ ଯୋଜନା କରିବେ । ଅତୀତରେ ସୁରେଶଙ୍କ ଉପରେ ଟଙ୍କଧରଙ୍କ ଟିପ୍ପଣୀକୁ ନେଇ ସମ୍ବଲପୁର ବିଜେପି ନେତା, ବ୍ରଜରାଜନଗର ବିଜେପି ନେତାମାନେବି ପ୍ରତିବାଦ କରି ଯାହାଇଛା ତାହା କହିବାକୁ ପଛାଇନଥିଲେ । ଶେଷ ପ୍ରଶ୍ନ, ଏ ବିବାଦ ବଢ଼ିଲେ ଲାଭ କାହାର ?

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

# ରେଡ୍ ଜୋନ୍‌ରେ ସୁନୀଲ

ଏକଦା ପୁରୀ ଥିଲା ମହେଶ୍ୱର ମହାନ୍ତିଙ୍କ ଗଡ଼। ଏକାଦିକ୍ରମେ ପାଞ୍ଚ ପାଞ୍ଚ ଥର ସେ ବାଜିମାତ୍ କରିଥିଲେ। ଏବେ ସେଠାରେ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି ସୁନୀଲ ମହାନ୍ତି। ବିଜୁ ଜନତା ଦଳ ଟିକେଟରେ ସେ ବାଜିମାତ୍ କରିଥିଲେବି ରାଜନୀତିକ ଦାଓପେଞ୍ଚରେ ସାନ୍ଧି ହୋଇଯାଇଛନ୍ତି। ବିଶେଷକରି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ପତିଆରା ବଢୁଥିବାରୁ ସୁନୀଲ୍ ଏବେ ରେଡ୍ ଜୋନରେ ଥିବା କୁହାଯାଉଛି। ଅପରପକ୍ଷରେ ବେଳ ଥାଉ ଥାଉ ବନ୍ଧ ବାନ୍ଧିବା ନ୍ୟାୟରେ ସୁନୀଲ ବିଜେଡ଼ିର ସଂଗଠନ କରୁଥିଲେବି ବିଜେପି ନେତାଙ୍କ ସହ ସମ୍ପର୍କ ମଜବୁତ୍ କରିବାରେ ଲାଗି ପଡ଼ିଛନ୍ତି। ଫଳରେ ପୁରୀ ରାଜନୀତିରେ ନୂଆ ସମୀକରଣ ସୃଷ୍ଟିହେବା ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି।

## ଲକି ଖୁଣ୍ଟିଆଙ୍କ ଦବଦବା

୧୯୯୫ରୁ ୨୦୧୯ ପର୍ଯ୍ୟନ୍ତ ପୁରୀର ବିଧାୟକ ଥିଲେ ମହେଶ୍ୱର ମହାନ୍ତି। ତେବେ ୨୦୧୯ ନିର୍ବାଚନରେ ସେ ଏକଦା ନିଜର ଘନିଷ୍ଠ ସହଯୋଗୀ ଥିବା ଜୟନ୍ତ ଷଡ଼ଙ୍ଗୀଙ୍କ ଠାରୁ ହାରି ଯାଇଥିଲେ। ଅପରପକ୍ଷରେ ବିଜେଡ଼ିରେ ଲକି ଖୁଣ୍ଟିଆଙ୍କର ପତିଆରା ବି ବଢ଼ିବା ଆରମ୍ଭ କରିଥିଲା। ମହେଶ୍ୱରଙ୍କ ମୃତ୍ୟୁ ପରେ ସ୍ୱାଭାବିକ ଭାବେ ପୁଅ ସୁନୀଲ ଟିକେଟ୍ ଆଶାୟୀ ଥିଲେ। ତେବେ ଦୃଢ଼ ସଂଗଠନ କାରଣରୁ ଲକି ବି ରେସ୍‌ରେ ରହିଥିଲେ। ଲକି-ସୁନୀଲ ବିବାଦ ସେତେବେଳେ ପୁରୀ ରାଜନୀତିରେ ବେଶ୍ ଚର୍ଚ୍ଚାରେ ଥିଲା। ସ୍ଥିତି ଏମିତି ଥିଲାଯେ, ଉଭୟଙ୍କର ଗୋଷ୍ଠିକନ୍ଦଳ ରାଜନୀତିରେ ବିଜେଡ଼ି ହାରିବା ନିଶ୍ଚିତ ଥିଲା। ତେବେ ପ୍ରଣବ ପ୍ରକାଶ ଦାସଙ୍କ ରଣନୀତିରେ ଲକି ଖୁଣ୍ଟିଆଙ୍କୁ ବିଜେଡ଼ି ରାଜ୍ୟସଭା ପଠାଇ ଦେଇଥିଲା। ଲକି ରାଜ୍ୟସଭାକୁ ଓ ସୁନୀଲ ବିଧାନସଭାକୁ ଯାଇଥିଲେବି ଉଭୟଙ୍କ ମଧ୍ୟରେ ଜୋରଦାର ଶୀତଳଯୁଦ୍ଧ ଚାଲିଛି। ୨୦୩୦ ମସିହା ଅପ୍ରେଲରେ ଲକିଙ୍କ କାର୍ଯ୍ୟକାଳ ସରୁଥିଲେବି ସେ ୨୦୨୯ ବିଧାନସଭା ନିର୍ବାଚନ ଲଢ଼ିବାକୁ ସଜବାଜ ହେଉଛନ୍ତି। ସେପଟେ ସୁନୀଲ ବି ୨୦୨୯ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଉଭୟ ନିଜ ନିଜ ସମର୍ଥକଙ୍କୁ ଧରି ଗୋଟିଚାଳନା କରୁଥିବାରୁ ବିଜେଡ଼ି ରାଜନୀତି ସରଗରମ ହୋଇଯାଇଛି।



ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

## ଅକଳରେ ପକାଇବ 'ଗୁମାସ୍ତା' ଉବାଚ

ସୁଜାତା ରାଉତ ଶଙ୍ଖ ଫୁଙ୍କିବା ପରେ ବିଜେଡ଼ିରେ ସେଲିବ୍ରେସନ୍ ଆରମ୍ଭ ହୋଇଯାଇଛି। ସୁଜାତା ଅପାଙ୍କ ସହ ସେଲଫି ଉଠାଇବା ପାଇଁ ବିଜେଡ଼ି ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ବି ଆରମ୍ଭ ହୋଇଯାଇଛି। ଦଳରେ ମିଶିବା ପରେ ସୁଜାତା ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଇଥିଲେ। ସଂଜୟ ଦାସବର୍ମା, ଉମା ସାମନ୍ତରାୟ, ତୁଷାରକାନ୍ତି ବେହେରା ଓ ଶୁଭାଶିଷ ଖୁଣ୍ଟିଆଙ୍କ ଭଳି ବହୁ ନେତା ସୁଜାତାଙ୍କୁ ସ୍ୱାଗତ କରିବାକୁ ପୁରୀ ମନ୍ଦିର ନିକଟରେ ଉପସ୍ଥିତ ଥିଲେ। ହେଲେ ପୁରୀ ବିଧାୟକ ସୁନୀଲ ମହାନ୍ତିଙ୍କୁ ଦେଖିବାକୁ ମିଳିନଥିଲା। ଯାହାକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ। ଶୁଣିବାକୁ ମିଳୁଛି ଲକି ଖୁଣ୍ଟିଆଙ୍କ ପାଖରେ ଠିଆହେବାକୁ ବି ସେ ଆଲର୍ଜି ଭଳି ଅନୁଭବ କରୁଛନ୍ତି। ଏନେଇ ଗଣମାଧ୍ୟମ ପ୍ରଶ୍ନ କରିବାରୁ ସୁନୀଲ କହିଛନ୍ତିଯେ, ପୁରୀ ମନ୍ଦିର ପାଖରେ ଅନେକ ଗୁମାସ୍ତା ବୁଲନ୍ତି। ସେମାନେ ଯାତ୍ରୀଙ୍କୁ ନେଇ ମନ୍ଦିରରେ ଦର୍ଶନ କରାନ୍ତି। ସେ ଗୁମାସ୍ତା ନୁହଁନ୍ତିଯେ, ଠିଆ ହୋଇଥା'ନ୍ତେ। ସେ ବିଳମ୍ବରେ ଖବର ପାଇଥିଲେ, ତେଣୁ ଅନ୍ୟ କାର୍ଯ୍ୟଯୋଗୁଁ ଯାଇପାରିନଥିଲେ ବୋଲି କହିଛନ୍ତି। ତେବେ ପୁରୀ ବିଧାୟକଙ୍କୁ ବିଳମ୍ବରେ କାହିଁକି ଖବର ଦିଆଗଲା? ସେଥିପାଇଁ ସେ କ୍ଷୁବ୍ଧ ନାହାନ୍ତି ତ ? ତେବେ ନବୀନ ଡାକିଥିଲେ ନିଶ୍ଚିତ ଯାଇଥା'ନ୍ତେ ବୋଲି କହି ରୋଷରୁ ବର୍ତ୍ତି ଯାଇପାରନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ବିଜେଡ଼ିର ନମ୍ବର ଦୁଇ ସୁଜାତା ରାଉତ ହିଁ ପୁରୀ ଯାଇଥିଲେ। ସୁନୀଲଙ୍କ ଏଭଳି ମନ୍ତବ୍ୟ ନିଶ୍ଚିତ ଭାବେ ତାଙ୍କୁ ମହଙ୍ଗା ପଡ଼ିଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ଏସବୁ ଚର୍ଚ୍ଚା ଭିତରେ ସୁଜାତାଙ୍କ ଗସ୍ତର ପରଦିନ ସୁନୀଲଙ୍କୁ ପ୍ରଭାତୀ ପରିଡ଼ା ଓ ଅନ୍ୟ ବିଜେପି ନେତାଙ୍କ ସହ ବାଲି ହରଚଣ୍ଡୀ ମନ୍ଦିର ସାମ୍ନାରେ ସ୍ମିତହାସ୍ୟ ପୋଜ୍‌ରେ ଫଟୋ ଭାଇରାଲ୍ ହେଉଛି।

## ବିଜେପି ନେତାଙ୍କ ସହ ସୁନୀଲଙ୍କ ସୁସମ୍ପର୍କ

ଏହି ସମ୍ପର୍କକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଅନୁଶୀଳନ କରାଯାଇପାରେ। ସୁନୀଲ ହେଉଛନ୍ତି ପୁରୀର ବିଧାୟକ। ଏମିତିକି ପୁରୀକୁ ସବୁବେଳେ ଭିଭିଆଇପି ଯାଆସ କରିଥା'ନ୍ତି। ପ୍ରୋଟୋକଲ ଦୃଷ୍ଟିରୁ ସୁନୀଲଙ୍କୁ ସମସ୍ତେ ଲୋଡ଼ିଥା'ନ୍ତି। ତେବେ ସାଂସଦ ସମ୍ବିତ ପାତ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ତାଙ୍କର ସୁସମ୍ପର୍କକୁ ନେଇ ଚର୍ଚ୍ଚା ହେଉଛି। ଅବଶ୍ୟ ଜନ ପ୍ରତିନିଧି ହୋଇଥିବାରୁ ପୁରୀର ବିକାଶ ପାଇଁ ସେ ଉପମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ସହଯୋଗ ଲୋଡ଼ିବାରେ କିଛି ଅସୁବିଧା ନାହିଁ। ବିଜେପି ସରକାରରେ ଥିବାରୁ ଅଞ୍ଚଳର ବିକାଶ ପାଇଁ ସେମାନଙ୍କ ସହ ସୁସମ୍ପର୍କର ଆବଶ୍ୟକତା ବି ରହିଛି। କିନ୍ତୁ ପୁରୀର ଟାଣୁଆ ବିଜେପି ନେତା ଜୟନ୍ତ ଷଡ଼ଙ୍ଗୀଙ୍କ ଅପେକ୍ଷା ସୁନୀଲଙ୍କୁ ବିଜେପି ନେତାଙ୍କ ପାଖେପାଖେ ଦେଖିବାକୁ ମିଳୁଛି। ଜୟନ୍ତଙ୍କୁ ବିଜେପିର ଗୋଟିଏ ଗୋଷ୍ଠୀ କୋଣଠେସା କରିଦେଇଛି। ଏମିତିବି ହୋଇପାରେ, କାଲିକି କାଲି ଯଦି ଲକି ଖୁଣ୍ଟିଆ ତାଙ୍କ ଟିକେଟ୍‌ରେ ଭାଗ ବସାନ୍ତି ତେବେ ସେ ବିଜେପିରେ ନିଜର ଭବିଷ୍ୟତ ଦେଖିବା ଆରମ୍ଭ କରିପାରନ୍ତି। କିନ୍ତୁ ବସ୍ତୁତଃ ସୁନୀଲ ବିଜେଡ଼ିର ସଂଗଠନ କରୁଥିବାବେଳେ ପରିବର୍ତ୍ତିତ ରାଜନୀତିକ ଦୃଶ୍ୟପଟ୍ଟରେ ନିଜର ପତିଆରା ଜାହିର କରିବାକୁ ଏବେଠାରୁ ଗୁପ୍ତ ରଣନୀତି ବି ଆରମ୍ଭ କରିଦେଇଛନ୍ତି।

# ଓଡ଼ିଶାର ଓୱେସୀ ହେବେ କି ମୋକିମ ?



ଏବେ କଣ କରୁଛନ୍ତି ମୋକିମ ? ଓଡ଼ିଶା ଜନତା କଂଗ୍ରେସର ଆଗାମୀ ରଣନୀତି କଣ ? ରାଜ୍ୟ ରାଜନୀତିରେ ଏବେ ଅନେକ କଥା ଘଟୁଥିବା ବେଳେ କାହିଁକି ଦେଖା ନାହାନ୍ତି ମହମ୍ମଦ ମୋକିମ ? ନୂଆ ଦଳ ଭିତରେ କିଛି ଫାଟ ହେଲା କି ? ଏମିତି ପ୍ରଶ୍ନ ଏବେ ଓଡ଼ିଶା ରାଜନୀତିର ଅଳିନ୍ଦରେ ଘୂରିବୁଲୁଛି। କଂଗ୍ରେସକୁ ବାଏ ବାଏ କରି ବାରବାଟୀ-କଟକର ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଓଡ଼ିଶା ଜନତା କଂଗ୍ରେସ ନାଁରେ ନୂଆ ଦଳ ଗଢିଲେ। ଆଉ ନୂଆ ଦଳ ତିଆରି କରୁ କରୁ ପ୍ରଥମେ ପିସିସି ସଭାପତି ଭକ୍ତ ଦାସଙ୍କ ଗଡ଼ କୁହାଯାଉଥିବା କଳାହାଣ୍ଡିର ଭବାନୀପାଟଣାରେ ପ୍ରଥମ ସଭା କଲେ। ଖାଲି ସଭା କଲେନି ମଞ୍ଚରୁ ଶାସକ ବିଜେପି, ମୁଖ୍ୟ ବିରୋଧୀ ବିଜେଡି ସହ କଂଗ୍ରେସକୁ ମଧ୍ୟ ଟାର୍ଗେଟ କଲେ। ପରେ ପରେ କଂଗ୍ରେସର ଗଡ଼ କୁହାଯାଉଥିବା କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଧାନସଭା ଅଧୀନସ୍ଥ ଦାରିଙ୍ଗିବାଡ଼ିରେ ମଧ୍ୟ ବିଶାଳ ଜନସଭା କରି ନିଜର ପତିଆରା ଜାହିର କରିବାକୁ ଚେଷ୍ଟା କଲେ।

ଆଗକୁ ପଞ୍ଚାୟତ ନିର୍ବାଚନ। ତୃଣମୂଳ ସ୍ତରର ଏହି ରାଜନୈତିକ ଲଢେଇ ୨୦୨୯ ମହାସମରର ସେମିଫାଇନାଲ କହିଲେ ଅତ୍ୟୁକ୍ତି ହେବନି। ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ଗୁଡ଼ିକ ମଧ୍ୟ ସେମାନଙ୍କ ରଣନୀତି ଆରମ୍ଭ କରିସାରିଲେଣି। ଗୋଟିଏ ପଟେ ଶାସକ ବିଜେପି କଳେ ବଳେ କୌଶଳେ ପଞ୍ଚାୟତ ସ୍ତରର ନେତାଙ୍କୁ ନିଜ ଦଳକୁ ନେବାର ପ୍ରୟାସ କରୁଛି। ଅନ୍ୟ ପଟେ ମୁଖ୍ୟ ବିରୋଧୀ ବିଜେଡି ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତାଙ୍କୁ ଦଳରେ ମହାମିଶ୍ରଣ କରି ତାଙ୍କ ନେତୃତ୍ୱରେ ଦଳ ଆଗକୁ ବଢିବ ବୋଲି ଗୋଟେ ପ୍ରକାରର ସନ୍ଦେଶ ଦେଇସାରିଲାଣି। ସେପଟେ କଂଗ୍ରେସ ହାଇକମାଣ୍ଡ ଓଡ଼ିଶାର ପ୍ରଭାରୀ ବଦଳ କରି ଦଳର କାର୍ଯ୍ୟକ୍ରମ ଆଗେଇ ନେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। କିନ୍ତୁ ଏହାରି ଭିତରେ ମୋକିମଙ୍କ ଓଡ଼ିଶା ଜନତା କଂଗ୍ରେସ ଏବେ କଣ ଆଭିମୁଖ୍ୟ ରଖିଛି ତା ଉପରେ ମଧ୍ୟ ରାଜ୍ୟବାସୀଙ୍କର ନଜର ରହିଛି।

କୁହାଯାଉଛି ଓଜେପିର ପ୍ରତିଷ୍ଠାତା ମହମ୍ମଦ ମୋକିମ ଏବେ ବିଭିନ୍ନ ଅଞ୍ଚଳକୁ ଗୁପ୍ତରେ ଗସ୍ତ କରି ଦଳ ପାଇଁ ସମର୍ଥନ ଗୋଟାଇବାରେ ବ୍ୟସ୍ତ ଅଛନ୍ତି। ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି, ମୋକିମ ବିଭିନ୍ନ ଦଳର ଅସନ୍ତୁଷ୍ଟ ତୃଣମୂଳ ନେତାଙ୍କୁ ମନାଇବାକୁ ଉଦ୍ୟମ କରୁଛନ୍ତି। ଯେଉଁ ଅଞ୍ଚଳରେ କୌଣସି ନେତାଙ୍କର ଭଲ ଭୋଟ ଅଛି, କିନ୍ତୁ କୌଣସି କାରଣରୁ ସେ ଟିକେଟ ପାଇବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ଗତିଶୀଳ କରିବା ପାଇଁ ମୋକିମ ଅଣ୍ଟା ଭିଡ଼ିଛନ୍ତି। ଖାସ କରି କଂଗ୍ରେସର ଛାମୁଆ ନେତାଙ୍କ ଉପରେ ତାଙ୍କର ଆଖି ରହିଛି।

ତେବେ ପ୍ରଶ୍ନ ଉଠୁଛି, ମୋକିମ କଣ ତାଙ୍କର ଏହି ଅଭିଯାନରେ ସଫଳ ହେବେ ? ରାଜନୈତିକ ବିଶେଷଜ୍ଞଙ୍କ ଆକଳନ ଅନୁସାରେ କୌଣସି ନିର୍ବାଚନ ମଣ୍ଡଳୀରେ ଜିତିବା ପାଇଁ ଯେତିକ ସଂଖ୍ୟାରେ ଭୋଟର ଆବଶ୍ୟକତା ରହଛି, ସେହି ସ୍ଥାନରେ ଜିତିବା ପ୍ରାର୍ଥୀଙ୍କୁ ହରାଇବାକୁ ତାଠାରୁ ବହୁତ କମ ଭୋଟ ଦରକାର। ଅର୍ଥାତ ଗୋଟିଏ ବିଧାନସଭା କ୍ଷେତ୍ରରେ ଯଦି ଜଣେ ପ୍ରାର୍ଥୀଙ୍କୁ ଜିତିବାକୁ ୮୦ ହଜାର ଭୋଟ ଦରକାର, ତେବେ ମାତ୍ର ୧୦ ହଜାର ଭୋଟ ଏପଟ ସେପଟ ହୋଇଗଲେ ସେହି ପ୍ରାର୍ଥୀ ପରାଜିତ ହେବାର ଆଶଙ୍କା ଅନେକ ମାତ୍ରାରେ ବଢିଯାଇଥାଏ। ଯଦି ମୋକିମ ଏମିତି କିଛି ସମୀକରଣ ନେଇ ଅଙ୍କ କଷୁଥାଆନ୍ତି, ତେବେ ଅନେକ ସ୍ଥାନରେ ସେ ଫଳାଫଳ ବିଗିଡ଼େଇଦେବାର ସମ୍ଭାବନା ରହିଛି। ଅଲ ଇଣ୍ଡିଆ ମଜଲିସ-ଏ-ଇତେହାଦୁଲ ମୁସଲିମୀନ ବା ଏଆଇଏମଆଇଏମର ଅଧ୍ୟକ୍ଷ ଅସାଦୁଦ୍ଦିଦ ଓୱେସୀଙ୍କ ବାଟରେ ଯାଉନାହାନ୍ତି ତ ମୋକିମ ?

ନିଜ ରାଜ୍ୟ ତେଲେଙ୍ଗାନାକୁ ଛାଡ଼ିଲେ ବିହାର, ମହାରାଷ୍ଟ୍ର ପରି ରାଜ୍ୟର ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ଦିଅନ୍ତି ଓୱେସୀ। କିଛି ସଫଳତା ମଧ୍ୟ ପାଇବାର ଉଦାହରଣ ଅଛି। କିନ୍ତୁ କୁହାଯାଏ ଓୱେସୀ ଯେଉଁଠାରେ ପ୍ରାର୍ଥୀ ଦିଅନ୍ତି ସେହି ନିର୍ବାଚନ ମଣ୍ଡଳୀରେ ଭୋଟ ଭାଗ ହେବାର ସମ୍ଭାବନା ବଢିଯାଇଥାଏ। ଫଳରେ ସେଠାରେ ଜିତିବାର ଅଧିକ ସମ୍ଭାବନା ଥିବା ପ୍ରାର୍ଥୀ ବା ଦଳ ପାଇଁ ବିପଦ ସୃଷ୍ଟି ହୋଇଥାଏ। ଏପରିକି କିଛି ରାଜନୈତିକ ସମୀକ୍ଷକ ବିଗତ କିଛି ବର୍ଷ ଧରି ଏଆଇଏମଆଇଏମକୁ ଶାସକ ବିଜେପିର ବି ଟିମ ବୋଲି କହିବା ଅରମ୍ଭ କରିଛନ୍ତି। ସେମାନଙ୍କ ମତରେ ସଂଖ୍ୟାଲଘୁ ଅଣ ବିଜେପି ସିଟରେ ଓୱେସୀ ଜାତି ଆଧାରରେ ଭୋଟକୁ ବିଭାଜିତ କରନ୍ତି, ଯାହା ଫଳରେ ବିଜେପିକୁ ସେହି ଆସନ ଅକ୍ତିଆର କରିବାକୁ ସୁଯୋଗ ମିଳେ।

ଯଦି ମହମ୍ମଦ ମୋକିମ ଏମିତି କିଛି ଅଭିପ୍ରାୟ ନେଇ ରଣନୀତି ତିଆରି କରୁଥିବେ ଏବଂ ଆଗାମୀ ନିର୍ବାଚନରେ ଏହି ଅଭିପ୍ରାୟ ନେଇ ମୈଦାନକୁ ଓହ୍ଲାଇବେ ତେବେ ଏହା ରାଜ୍ୟ ରାଜନୀତିର ସମୀକରଣକୁ ମଧ୍ୟ ଓଲଟ ପାଲଟ କରିପାରେ।

ମୋକିମ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ତାଙ୍କ ଦଳ ଲଢେଇ କରିବ ବୋଲି ସ୍ପଷ୍ଟ ସଂକେତ ଦେଇସାରିଛନ୍ତି।

ତେବେ ସେ କେତେ ଆସନରେ ନିଜର ପ୍ରାର୍ଥୀ ଦେଉଛନ୍ତି ଓ କେଉଁ ଆସନକୁ ଟାର୍ଗେଟ କରୁଛନ୍ତି ତାକୁ ଦେଖିଲେ ଜଣାପଡ଼ିବ ମୋକିମ ଓଡ଼ିଶାର ଓୱେସୀ ହେବେ ନା ନାହିଁ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA

# ଘିରିଘିରି ବୁଲିଲେଣି ଚିନୁ-ଇସ୍ମିତା



ବିଜୁ ଯୁବ ଜନତା ଦଳ ସଭାପତି ଭାବେ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଭାବେ ଇସ୍ମିତା ସାହୁ ଦାୟିତ୍ୱ ନେବାପରେ ଶଙ୍ଖ ଭବନରେ କମ୍ପନ ସୃଷ୍ଟି ହୋଇଥିଲା। କିଛି ଯୁବ ଓ ଛାତ୍ର ନେତାମାନେ ବି ବିଭିନ୍ନ ଫୋରମ୍‌ରେ ଅସନ୍ତୋଷ ଝାଡ଼ିଥିଲେ। କିଛି କିଛି ବରିଷ୍ଠ ନେତା ବି ସନ୍ତୁଷ୍ଟ ନଥିଲେ। ଯେଉଁଥିପାଇଁ ଚିନ୍ମୟ-ଇସ୍ମିତାଙ୍କ ପାଇଁ ବଡ଼ ଧରଣର ସମ୍ବର୍ଦ୍ଧନା ପର୍ବବି ଆୟୋଜନ କରାଯାଇନଥିଲା। ଯେଉଁଥିପାଇଁ ଦାୟିତ୍ୱ ନେବା ପରେ ସେମାନେ ଧିରେ ସୁସ୍ଥେ ଗୋଟିଚାଳନା କରିଥିଲେ। କିଛି କିଛି ଅସନ୍ତୁଷ୍ଟ ଯୁବ ଓ ଛାତ୍ର ନେତାଙ୍କୁ ନିଜସ୍ୱ ଢଙ୍ଗରେ ବୁଝାଶୁଝା କରିଥିଲେ। ପ୍ରେସମିଟ୍ ଆଳରେ ଉଭୟ ଯୁବ-ଛାତ୍ର ସଂଗଠନ ଚଳାଇଥିଲେ। ଧିରେଧିରେ ସ୍ଥିତିରେ ସୁଧାର ଆସିଥିଲା। ଉଭୟଙ୍କୁ ବିରୋଧ କରୁଥିବା ଯୁବ ଓ ଛାତ୍ର ନେତାମାନେ ସେମାନଙ୍କ ସହ ଯୋଡ଼ି ହୋଇଯାଇଥିଲେ। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର କେତେକ ବରିଷ୍ଠ ନେତା ଏଦିଗରେ ଉଦ୍ୟମ ବି କରିଥିଲେ। କିନ୍ତୁ ବିଜୁ ଯୁବ-ଛାତ୍ର ଜନତା ଦଳର କାର୍ଯ୍ୟକ୍ରମ ସବୁ ଶଙ୍ଖଭବନରୁ ମାଷ୍ଟରକ୍ୟାଣ୍ଟିନ ଛକ ଭିତରେ ସୀମିତ ରହିଥିଲା। ପ୍ରେସମିଟ୍ ଓ ଘଣ୍ଟିକିଆ ବିକ୍ଷୋଭ ଭିତରେ ଚାଲିଥିଲା ଯୁବ-ଛାତ୍ର ସଂଗଠନ।

କିନ୍ତୁ ଏବେ ଚିନୁ-ଇସ୍ମିତା ବେଶ୍ ସକ୍ରିୟ ହୋଇଯାଇଛନ୍ତି। ନିକଟରେ 'ଗର୍ବିତ ଓଡ଼ିଆ' ଲେଖିଥିଲା ରାଜଧାନୀ ନଛାଡ଼ିଲେ ବିଜେଡ଼ିର ଯୁବ-ଛାତ୍ର ସଂଗଠନ ମଜବୁତ୍ ହୋଇପାରିବନି। କାକତାଳୀୟ ନ୍ୟାୟରେ ଏକଥା ଆମେ ଉଲ୍ଲେଖ କରିବା ପରେ ଚିନୁ ଓ ଇସ୍ମିତା ଏବେ ଛାତ୍ର-ଯୁବ ଶକ୍ତିଙ୍କୁ ଏକାଠି କରିବାକୁ ରାଜଧାନୀ ଛାଡ଼ି ଘିରିଘିରି ହୋଇ ବୁଲିଲେଣି। ଅବଶ୍ୟ ଏହା ପଛରେ ରହିଛନ୍ତି ସୁଜାତା ରାଉତ। ବିଜେଡ଼ିରେ ସେ ଯୋଗଦେବା ପରେ ଅନ୍ୟ କେତେକ ନେତାଙ୍କ ଭଳି ଚିନୁ-ଇସ୍ମିତାଙ୍କ ବଳ ବି ବଢ଼ିଯାଇଛି। ଯେଉଁଥିପାଇଁ ଗତ ସପ୍ତାହରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ଆରମ୍ଭ ହୋଇଛି। ଯେଉଁଥିରେ ବହୁ ବରିଷ୍ଠ ନେତା ବି ସାମିଲ୍ ହୋଇଛନ୍ତି। ପଶ୍ଚିମ ଓଡ଼ିଶା ହେଉକି ଉପକୂଳ ଓଡ଼ିଶା, ଦକ୍ଷିଣ ଓଡ଼ିଶା ହେଉକି ଉତ୍ତର ଓଡ଼ିଶା ଏବେ ଦୁଇ ଜଣ ପଇଁତରା ମାରିବା ଆରମ୍ଭ କରିଛନ୍ତି। ସେହିପରି ଏକଦା ସେମାନଙ୍କୁ ବିରୋଧ କରୁଥିବା ନେତା ନେତ୍ରୀମାନେ ବି ତାଙ୍କ ପାଖରେ ଛାଇଭଳି ରହିଥିବା ଦେଖିବାକୁ ମିଳିଛି। ଏହା ଉଭୟଙ୍କ ପାଇଁ ଶୁଭ ଲକ୍ଷଣ। ତେବେ ସଂଗଠନ କେତେ ମଜବୁତ୍ ହେବ, ତାହା ସମୟ ହିଁ କହିବ।

# ଜନ୍ମଦିନର ଅଭିନନ୍ଦନ




## ଅଶୋକ ମହାନ୍ତି
### ବିଧାୟକ, ପାଳଲହଡ଼ା



୧୪ ଜୁଲାଇ ୧୯୬୬ରେ ତାଳଚେରର କୁଲେଇ ଗାଁରେ ସ୍ୱର୍ଗତଃ ଗୋଲେଖ ଚନ୍ଦ୍ର ମହାନ୍ତି ଓ ଦ୍ରୌପଦୀ ମହାନ୍ତିଙ୍କ ଘରେ ଅଶୋକ ମହାନ୍ତିଙ୍କ ଜନ୍ମ। ପବ୍ଲିକ୍ ଆଡମିନିଷ୍ଟ୍ରେସନ୍‌ରେ ଏମ୍ଏ କରିଥିବା ଅଶୋକ ୨୦୨୪ରେ ବିଜେପିର ପାଲଲହଡା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଧାୟକ ହେବା ପୂର୍ବରୁ ସେ ତିନି ଥର ଅନୁଗୁଳ ଜିଲ୍ଲା ବିଜେପି ସଭାପତି ହୋଇଥିଲେ। ରେଙ୍ଗାଲି କଲେଜର ଛାତ୍ର ସଂସଦ ସଭାପତି ଭାବେ ସେ ରାଜନୀତିକ କ୍ୟାରିୟର ଆରମ୍ଭ କରିଥିଲେ।

## ଭାଦବ ହାଁସଦା
### ବିଧାୟକ, ସାରସକଣା



ସାରସକଣା ନିର୍ବାଚନ ମଣ୍ଡଳୀରୁ ୨୦୨୪ ବିଧାନସଭା ନିର୍ବାଚନରେ ବିଜେପି ବିଧାୟକ ଭାବେ ବିଜୟୀ ହୋଇଥିବା ଭାଦବ ହାସଁଦା ଜୁଲାଇ ୧୪ରେ ମୟୂରଭଞ୍ଜ ଜିଲ୍ଲାର ବେନ୍‌ଟାରେ ଏକ ସାନ୍ତାଳ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ କାହ୍ନୁ ହାଁସଦା ଓ ମାଆଙ୍କ ନାମ ପୁନିତା ହାଁସଦା। ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ବିଏ ପାସ୍ କରିଥିବା ଭାଦବ ୨୦୧୪ରେ ବିଜେଡି ବିଧାୟକ ଭାବେ ସାରସକଣା ନିର୍ବାଚନ ମଣ୍ଡଳୀର ପ୍ରତିନିଧିତ୍ୱ କରୁଥିଲେ। ଛାତ୍ର ଜୀବନରୁ ହିଁ ସେ ରାଜନୀତି ସହିତ ଜଡିତ। ୧୯୮୪ରୁ୧୯୮୮ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ଛାତ୍ର ସଂଗଠନ, ୧୯୮୭ରୁ ୧୯୯୦ ଯାଏଁ ଅଲ ଝାଡଖଣ୍ଡ ଛାତ୍ର ୟୁନିଅନର ସକ୍ରିୟ ସଦସ୍ୟ ଭାବେ ସେ କାମ କରିଛନ୍ତି। ୧୯୯୨ରୁ ୨୦୦୨ ଭିତରେ ୨ ଥର ଜେଏମ୍ଏମ୍ ପକ୍ଷରୁ ବାରିପଦା ବ୍ଲକ୍ ଅଧକ୍ଷ ଭାବେ ସେ କାମ କରିଛନ୍ତି। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଜିଲ୍ଲା ପରିଷଦ ସଭାପତି ବି ରହିଥିଲେ।

## ଅଧିରାଜ ମୋହନ ପାଣିଗ୍ରାହୀ
### ବିଧାୟକ, ଖରିଆର



ନୂଆପଡା ଜିଲ୍ଲାର ଖରିଆର ବିଧାୟକ ହେଉଛନ୍ତି ଅଧିରାଜ ମୋହନ ପାଣିଗ୍ରାହୀ। ସେ ୧୯୭୬ ମସିହା ଜୁଲାଇ ୧୪ରେ ଜନ୍ମ ହୋଇଥିଲେ। ତାଙ୍କ ବାପାଙ୍କ ନାମ ଦିନେଶ ଚନ୍ଦ୍ର ପାଣିଗ୍ରାହୀ ଓ ମାଆଙ୍କ ନାମ ଲଳିନୀ ପ୍ରଭା ପାଣିଗ୍ରାହୀ। ୨୦୧୯ରେ ଖରିଆର ନିର୍ବାଚନମଣ୍ଡଳୀରୁ କଂଗ୍ରେସରୁ ଲଢ଼ି ବିଜୟୀ ହୋଇଥିଲେ। ତେବେ ୨୦୨୪ରେ ସେ ବିଜେଡି ଟିକେଟରେ ପୁଣିଥରେ ବିଧାୟକ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ସେ ନୂଆପଡା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବରେ କାମ କରିଛନ୍ତି। ପିସିସିର ସାଧାରଣ ସମ୍ପାଦକ ବି ରହିଥିଲେ।

## ଲକ୍ଷ୍ମଣ ମୁଣ୍ଡା
### ବିଧାୟକ, ବଣାଇ



୧୯୬୩ ମସିହା ଜୁଲାଇ ୧୮ରେ, ସାରସପୋଷ ଗାଁରେ ସେ ଜନ୍ମଗ୍ରହଣ କରିଥିଲେ। ସେ କଳାରେ ସ୍ନାତକ ପାସ୍ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ବଣାଇରୁ ସିପିଆଇ (ଏମ୍) ଦଳର ବିଧାୟକ ଭାବେ ଲକ୍ଷ୍ମଣ ମୁଣ୍ଡା ୨୦୨୪ ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ୧୯୯୨ରେ ଗୋପନା ଗାଁର ସରପଞ୍ଚରୁ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିବା ଲକ୍ଷ୍ମଣ ମୁଣ୍ଡା ଏହି ବିଧାନସଭା କ୍ଷେତ୍ରରେ ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ନିଜ ଦବଦବା ବଜାୟ ରଖିବାରେ ସଫଳ ହୋଇଛନ୍ତି। ସେ ମାର୍କ୍ସବାଦୀ କମ୍ୟୁନିଷ୍ଟ ଦଳ ପକ୍ଷରୁ ୨୦୦୪ରେ ଏଠାରେ ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୧୪-୧୯, ୨୦୧୯-୨୪ ଓ ୨୦୨୪ ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବଣାଇ ଭୋଟରମାନେ ଲକ୍ଷ୍ମଣଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଓଡ଼ିଶାରେ ବାମପନ୍ଥୀ ରାଜନେତାଙ୍କ ଭିତରେ ସାଂପ୍ରତିକ ରାଜନୀତିରେ ସଫଳ ହୋଇଥିବା ମାତ୍ର କେତେଜଣ ହାତଗଣତି ବିଧାୟକଙ୍କ ଭିତରୁ ସେ ଜଣେ।

## ବିଭୂତି ଭୂଷଣ ପ୍ରଧାନ
### ବିଧାୟକ, ପରଜଙ୍ଗ



ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ୧୯୬୭ ମସିହା ଜୁଲାଇ ୧୭ରେ ଜନ୍ମଗ୍ରହଣ କରିଥିଲେ। ସେ ବିଏ ଏଲଏଲବି ପାସ୍ କରିଛନ୍ତି। ୧୯୯୨ରେ ନିଜ ଗାଁ ପାନଗଡିରାର ସରପଞ୍ଚ ଠାରୁ ବର୍ତ୍ତମାନ ବିଧାୟକ ହେବା ତାଙ୍କ ରାଜନୈତିକ କ୍ୟାରିଅରର ସଫଳତାକୁ ଦର୍ଶାଉଛି। ୨୦୦୦-୨୦୦୪ ଯାଏଁ ଭାରତୀୟ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ, ୨୦୦୪-୨୦୦୯ ଢେଙ୍କାନାଳ ଗ୍ରାମ୍ୟ ବ୍ୟାଙ୍କର ନିର୍ଦ୍ଦେଶକ, ଇପିକଲ ନିର୍ଦ୍ଦେଶକ ଓ ୨୦୧୫-୨୦୨୦ ବିଜେପି ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରିଛନ୍ତି।

## ନିହାର ରଞ୍ଜନ ମହାନନ୍ଦ
### ବିଧାୟକ, ଅତାବିରା



ଅତାବିରା ନିର୍ବାଚନମଣ୍ଡଳୀରୁ ବିଜେପି ବିଧାୟକ ଭାବେ ୨୦୨୪ରେ ବିଜୟୀ ହୋଇଥିବା ନିହାର ରଞ୍ଜନ ମହାନନ୍ଦଙ୍କ ଜନ୍ମ ୧୭ ଜୁଲାଇ ୧୯୭୭ରେ ଲସତଳା ଠାରେ ହୋଇଥିଲା। ତାଙ୍କ ପିତାଙ୍କ ନାମ କ୍ଷୀରେଶ୍ୱର ମହାନନ୍ଦ ଓ ମାତାଙ୍କ ନାମ ରେବତୀ ମହାନନ୍ଦ। ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ କଂଗ୍ରେସ ଟିକେଟରେ ସେ ବିଧାୟକ ମଧ ହୋଇଥିଲେ। ୧୯୯୬-୯୭ରେ ବରଗଡ ଜିଲ୍ଲା ବରପାଲି କଲେଜର ଛାତ୍ର ସଂସଦ ସଭାପତି, ୧୯୯୦-୨୦୦୦ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେବି ନିର୍ବାଚିତ ହୋଇଥିଲେ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

**ମହାମୂର୍ଖ ଉବାଚ**



| ଡ଼ଃ କୁଳାଙ୍ଗାର |

# ମଡର୍ଣ୍ଣ ଡାହୁକ ଗୀତ

ହୋ ପାଠକେ.... ହୋ...
ପ୍ରସ୍ତୁତି ବୈଠକ ପାଲା
ଖାଇ ପିଇ ସରି ଗଲା...
ତା ଇଛା ବିନା ପତ୍ର ହଲିବନି
କହି କହି ଦିନ ଗଲା ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
ସାଙ୍ଗରେ ଭଉଣୀ ଭାଇ
କାଳିଆ ଯାଉଛି ନେଇ...
ଭକତ ଯେତକ ଘରଣୀ କଥାରେ
ନାଚୁଛନ୍ତି ଥେଇ ଥେଇ ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
ନେତା ପଟୁଆର ଧରି
ଯାଆନ୍ତି ଦର୍ଶନ କରି...
ଭକତ ଯେ ଭାଷା କହନ୍ତି ଶୁଣିଲେ
କାନ ଯିବ ରକ୍ତେ ଭରି ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
ରଥ ରଜ୍ଜୁ ଟାଣିବାକୁ
ମନା ହେଲା ହାଙ୍କୁ ହାଙ୍କୁ...
ପୁଲିସିର ଜୋତା ଆଦରେ ଚାପିଲା
ଲଡଲଡ ହେଲା ଟାଙ୍କୁ ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
ବରଷକେ ଥରେ ଯାତ
ଟା ଦେଖିଯିବା ମିତ...
ଅଘଟଣ ଯଦି ଘଟେ କାଠେଇବୁ
କାଳିଆର ନାଇଁ ହାତ ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
ଗାଧେଇଲା ବୋଲି ବେଶି
ଜର ଗଲା ଦେହେ ପଶି...
ଆୟୁର୍ବେଦିକ ଓଷଦ ଖାଇଲା
ଏଲୋପାଥି ଯାଉ ଭାସି ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
ଭିଆଇପି ଗଦା ଗଦା
ପୁରୀରେ ହୋଇଲେ ଖୁନ୍ଦା...
ମଣିଷ କରିଲା ଅପରାଧ
ହେଲେ କାଳିଆ ପାଇଲା ନିନ୍ଦା ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
ରଥ ପରେ ମହାବାହୁ
ଦେଖି ଆମେ ପାରୁନାହୁଁ...
ଦିଅଁଙ୍କ ସାମନା ମାଡ଼ି ବସିଅଛି
ପେଟ ଜଙ୍ଘ ଛାତି ବାହୁ ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ହୋ ପାଠକେ.... ହୋ...
କାଳିଆଠୁ ଟିକେ ଶିଖ
ମାଉସୀ ଘରକୁ ଦେଖ...
ନିଜେ ଯାଅ ଆଉ ବନ୍ଧୁ ବାନ୍ଧବକୁ
ଘରଆଡ଼େ ଟିକେ ଡାକ ହୋ....
ଡାଆଣି... ଡିଡ଼ାଣି... ଡାଆଣି!!

ODIA WEEKLY GARVIT ODIA


# ବିଜୁଙ୍କୁ ମୋଦିଙ୍କ ପ୍ରଶଂସା

## ରାଜ୍ୟରେ ମେଣ୍ଟ ଅଙ୍କକଷା

ବିଜେପି କହୁଛି, ବିଜେଡ଼ି ସହ ମେଣ୍ଟର ପ୍ରଶ୍ନ ଉଠୁନାହିଁ। ବିଜେଡ଼ି ବି କହୁଛି ବିଜେପି ସହ ମେଣ୍ଟ ହେବନି। ମିଡ଼ିଆ ଆଗରେ ଦୁଇ ଦଳର ନେତା ଯେତେ ସଫେଇ ଦେଲେବି, ରାଜନୀତିକ ମହଲରେ ସବୁବେଳେ ମେଣ୍ଟ ଚର୍ଚ୍ଚା ହେଉଛି ଓ ଆଗକୁ ବି ଚର୍ଚ୍ଚା ଜାରିରହିବ। କେହିକେହି ଏଥିପାଇଁ ମିଡ଼ିଆକୁ ଦାୟୀ କରିପାରନ୍ତି। କିନ୍ତୁ ବାସ୍ତବକଥାଟି ହେଉଛି, ଦୁଇ ଦଳର ନେତାମାନେ ଅଫ ରେକର୍ଡ଼ରେ ମେଣ୍ଟ ସମ୍ଭାବନାକୁ ଟାଳୁନାହାନ୍ତି। ଏପଟେ ମୋଦିଙ୍କ ପ୍ରତି ବିଜେଡ଼ିର କୋମଳ ଭାବ, ସେପଟେ ନବୀନଙ୍କ ପ୍ରତି ମୋଦିଙ୍କ ନରମ ମନୋଭାବ ହିଁ ଏହି ଚର୍ଚ୍ଚାକୁ ବଳ ଯୋଗାଉଛି କହିଲେ ଭୁଲ୍ ହେବନାହିଁ।

ଜାକର୍ତ୍ତାରେ ବିଜୁବାବୁଙ୍କୁ ଢ଼େର ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଯାହାକୁ ନେଇ ବିଜେଡ଼ି-ବିଜେପି ମେଣ୍ଟ ହେବବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏଭଳି ଯୁକ୍ତି ଗ୍ରହଣୀୟ ନୁହେଁ। ବିଶ୍ୱର ଯେଉଁ ଦେଶକୁ ମୋଦି ଯାଇଥା'ନ୍ତି ସେଠାକାର ଇତିହାସ ଉପରେ ବି ତର୍ଜମା କରନ୍ତି। ଭାରତ ସହ କିଭଳି ଓ କେବେ ସେ ଦେଶର ସମ୍ପର୍କ ତାହାବି ବଖାଣିଥାଆନ୍ତି।





ମୋଦି ଇଣ୍ଡୋନେସିଆ ଯାଇଥିଲେ। ରାଜଧାନୀ ଜାକର୍ତ୍ତା ଠାରେ ସେଠାକାର ସଂସଦକୁ ଉଦବୋଧନ ଦେଇଥିଲେ। ସେହି ସମୟରେ ସେ ବିଜୁବାବୁଙ୍କୁ ମନେ ପକାଇଥିଲେ। ଇଣ୍ଡୋନେସିଆର ବିପ୍ଳବରେ ବିଜୁଙ୍କ ଭୂମିକା ସଂକ୍ରାନ୍ତରେ ବେଶ୍ କିଛି ସମୟ କହିଥିଲେ। ସେ କହିଥିଲେଯେ, ୧୯୪୭ରେ ଯେତେବେଳେ ଇଣ୍ଡୋନେସିଆ ଡଚ୍ ଉପନିବେଶବାଦ ବିରୁଦ୍ଧରେ ସ୍ୱାଧୀନତା ସଂଗ୍ରାମ ଲଢୁଥିଲା, ସେତେବେଳେ ବିଜୁ ପଟ୍ଟନାୟକ ନିଜ ଜୀବନକୁ ବାଜି ଲଗାଇ ସେଠାକାର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହରିର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହାଟ୍ଟାଙ୍କୁ ସୁରକ୍ଷିତ ଭାବେ ନିଜ ବିମାନରେ ଭାରତ ନେଇ ଆସିଥିଲେ। ବିଜୁ ବାବୁଙ୍କ ଏହି ସାହସିକ କାର୍ଯ୍ୟ ପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ ନିଜ ଦେଶର ସର୍ବୋଚ୍ଚ ସମ୍ମାନ 'ଭୂମିପୁତ୍ର' ଆଖ୍ୟା ଦେଇଛନ୍ତି। ଭାରତ କେବଳ ଆଜି ନୁହେଁ, ବରଂ ଦଶନ୍ଧି ଦଶନ୍ଧି ଧରି ଇଣ୍ଡୋନେସିଆର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା ସପକ୍ଷରେ ଜାତିସଂଘରେ ସ୍ୱର ଉତ୍ତୋଳନ କରିଆସିଛି। ମୋଦି ଯାହା କହିଛନ୍ତି ତାହା ଐତିହାସିକ ତଥ୍ୟ ଆଧାରିତ। ଅବଶ୍ୟ ସେତେବେଳେ ନେହେରୁଙ୍କ ଭୂମିକା ଥିଲେବି ମୋଦି ରାଜନୀତିକ ଦୃଷ୍ଟିକୋଣରୁ ତାହାକୁ ଉହ୍ୟ ରଖିଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀଙ୍କର ନବୀନ ପଟ୍ଟନାୟକଙ୍କ ପ୍ରତି ଏବଂ ବିଜୁ ବାବୁଙ୍କ ପରିବାର ପ୍ରତି ଥିବା ବ୍ୟକ୍ତିଗତ ସମ୍ମାନ କାହାରିକୁ ଅଜଣା ନାହିଁ। ଆନ୍ତର୍ଜାତୀୟ ମଞ୍ଚରେ ବିଜୁ ବାବୁଙ୍କୁ ଗୌରବାନ୍ୱିତ କରି ମୋଦୀ ସ୍ପଷ୍ଟ କରିଛନ୍ତିଯେ, ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଅଲଗା ଜିନିଷ, କିନ୍ତୁ ଦେଶର ବୀରମାନଙ୍କ ସମ୍ମାନ ଅଲଗା। ଏହା ଆଗାମୀ ଦିନରେ ବିଜେପି ଏବଂ ବିଜେଡି ମଧ୍ୟରେ ଥିବା ତିକ୍ତତାକୁ କମାଇବା ସହ ଏକ 'ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ'ର ନୂଆ ଅଧ୍ୟାୟ ଆରମ୍ଭ କରିପାରେ। ମେଣ୍ଟ ଚର୍ଚ୍ଚା ଭିତରେ ବିଜେଡ଼ି ଓ ବିଜେପି କିନ୍ତୁ ବଳ ଗୋଟାଇବାରେ ଲାଗି ପଡ଼ିଛନ୍ତି। ରାଜନୀତି ମଇଦାନରେ ବିଜେଡ଼ି-ବିଜେପି ମୁହାଁମୁହିଁ ହେଉଥିବାବେଳେ ୨୦୨୯ ନିର୍ବାଚନର ମାସକ ପୂର୍ବରୁ ହିଁ ମେଣ୍ଟ ଚିତ୍ର ସ୍ପଷ୍ଟ ହେବ।

# ନିମ୍ମୁଡା ଗୀତରେ ନାଚିଲେ ନେତା ...

ପିଲାଙ୍କ ପଢା ବହିରେ ମାଳ ମାଳ ଭୁଲ ବାହାରିଲା। କେଉଁଠି ନିଉଟନଙ୍କୁ ପାଇଲଟ କୁହାଗଲା ତ ପୁଣି କେଉଁଠି ଓଡ଼ିଶା ବିଧାନସଭା ଜାଗାରେ କର୍ଣ୍ଣାଟକ ବିଧାନସଭା ଫଟୋ ଲାଗିଲା। ଏମିତିକି ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର କୁଆଡ଼େ ବଦଳିକି ହମ୍ପି ମନ୍ଦିର ହେଇଗଲା। ବହି ବଦଳିବ କି ନାହିଁ ତାକୁ ନେଇ ମନ୍ତ୍ରୀ, ସଚିବ ଯାହା କହିଲେ ବିବାଦ ଆହୁରି ବଢିଲା। ହେଲେ ଯାହାହେଉ ମାର୍କେଟ ନେଇଗଲା ନିମ୍ମୁଡା ଗୀତ। ଏମିତି ତ ଆମ ରାଜ୍ୟରେ ଏବେ ଘରେ ଘରେ ରିଲ୍ସ ପ୍ରସ୍ତୁତକାରୀ ଭର୍ତ୍ତି ହେଇଗଲେଣି। ଛୋଟ ଛୁଆଙ୍କଠାରୁ ଆରମ୍ଭ କରି ବୁଢାବୁଢୀ ସବୁ ଏବେ ସୋସିଆଲ ମିଡିଆରେ କଣ୍ଟେଣ୍ଟ କ୍ରିଏଟର ବନିଗଲେଣି। ମୋବାଇଲ ଖୋଲିଲାମାନେ ଖାଲି ନିମ୍ମୁଡା ଗୀତରେ ନାଚ। ବିରୋଧୀ ବିଜେଡି ବି ଏ ମଉକା ଛାଡ଼ିବେ କେମିତି? ସିଧା ପଟୁଆର କରି ପହଞ୍ଚିଗଲେ ଗଣଶିକ୍ଷା ମନ୍ତ୍ରୀ ଗଣ୍ଡ ଆଜ୍ଞାଙ୍କ ସରକାରୀ ବାସଭବନ ଆଗରେ। ପ୍ରତିବାଦରେ ବି ନିମ୍ମୁଡା ଗୀତରେ ନେତା ଓ କର୍ମୀ ଭରପୁର ନାଚରେ ମାତିଗଲେ। ହେଲେ ଏ ବୁଦ୍ଧି କିଏ ଦେଲା କେଜାଣି, ରାଲିରେ କିଛି ସ୍କୁଲ ପିଲାଙ୍କୁ ୟୁନିଫର୍ମ ପିନ୍ଧାଇ ନଚାଇଦେଲେ। ହଇଓ ବାବୁ ସରକାରଙ୍କୁ ବିରୋଧ କରିବ ଆଉ ସରକାରୀ ନୀତି ମାନିବନି। ତମେ କଣ ଜାଣିନ ରାଜନୈତିକ ରାଲିରେ ଛୋଟ ପିଲା ଭାଗ ନେଇପାରିବେ ନାହିଁ ବୋଲି? ସରକାରଙ୍କୁ ମିଳିଗଲା ସୁଯୋଗ।

ସିଧା ଦଳର ସୁପ୍ରିମୋଙ୍କ ସହ ବିରୋଧ ଶୋଭାଯାତ୍ରାରେ ଭାଗ ନେଇଥିବା ନେତାଙ୍କୁ ପଠାଇଦେଲେ ନୋଟିସ। ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଆରମ୍ଭ ହୋଇଗଲା ତୁମ୍ବିତୋଫାନ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ନିଜ ପ୍ରତିଦ୍ୱନ୍ଦୀ ଦୀପାଳି ଦାସଙ୍କୁ ଟାର୍ଗେଟ କରିଦେଲେ। ହେଲେ ଦୀପାଳି ବି କୋଉ ଛାଡ଼ିବା ଜନ୍ତୁ। ଟଙ୍କ ଝାରସୁଗୁଡ଼ାରେ କରିଥିବା ବିଜେପିର ଏକ ଶୋଭାଯାତ୍ରାର ଫଟୋ ଛାଡ଼ି କାଉଣ୍ଟର ଆରମ୍ଭ କରିଦେଲେ। ଯେଉଁଥିରେ ଛୋଟ ପିଲା ବିଜେପି ଦଳୀୟ ପତାକା ଧରି ରାଲିରେ ଭାଗ ନେଉଥିବା ଦେଖାଯାଉଥିଲା।



ବାସ ତୁ ତ ମୁତୁରୀ..ମୁଁ ତ ମୁତୁରୀ, ହେଁସ କାହିଁପାଇଁ ଧୋଇବା? ମାନ କି ନମାନ, ବହିରେ ତ୍ରୁଟିକୁ ନେଇ ସରକାର କିନ୍ତୁ ବ୍ୟାକ୍‌ଫୁଟରେ ଅଛନ୍ତି।






Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS